# ୧୦ ବର୍ଷରେ ୧୭ ଶିକ୍ଷକ ଲମ୍ବା ଛୁଟିରେ, ଜଣେ କାର୍ଯ୍ୟଚ୍ୟୁତ

**■ ନବରଙ୍ଗପୁର ଜିଲାରେ ବିଚିତ୍ର ଶିକ୍ଷା ବ୍ୟବସ୍ଥା**
**■ ଜିଲା ଶିକ୍ଷା ବିଭାଗ ରିପୋର୍ଟରେ ରହୁନି ତାଳମେଳ**

**ନବରଙ୍ଗପୁର,୨୫।୧୨(ବି.ପ୍ର.)**

ନବରଙ୍ଗପୁର ଜିଲାରେ କେତେକ ସ୍ଥାନରେ ଶିକ୍ଷକ ଲମ୍ବା ଛୁଟିରେ ଥିବାବେଳେ ଆଉ କେଉଁଠାରେ ନକଲ ସାର୍ଟିଫିକେଟ ଦେଇ ଚାକିରି କରୁଛନ୍ତି। ଯାଞ୍ଚ ପରେ ଧରା ପଡ଼ିଲେ ପରବର୍ତ୍ତି ସମୟରେ ଚାକିରିରୁ ବହିଷ୍କୃତ କରାଯାଉଛି। ଏମିତିକି ବହିଷ୍କାର ପୂର୍ବରୁ ନକଲି ଶିକ୍ଷକଙ୍କୁ ଆଗୁଆ ଜଣାଇଦେବା ଓ ପରେ ଥାନାରେ ଏତଲା ଦେବା ଭଳି ଅଭିଯୋଗ ମଧ୍ୟ ରହିଛି। ଏ ନେଇ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ସମ୍ବିତ କୁମାର ନାୟକ ଚିଠି ନଂ. ୨୩୫୦୭ରେ ରାଜ୍ୟର ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ଚିଠି କରି ଲମ୍ବା ଛୁଟିରେ ଥିବା ଶିକ୍ଷକ ମାନଙ୍କ ତାଲିକା ଓ ତଥ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ନବରଙ୍ଗପୁର ଜିଲା ଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ରିପୋର୍ଟରେ ତାଳମେଳ ରହୁ ନ ଥିବା ଜଣାପଡ଼ିଛି। ପୂର୍ବ ଚିଠିରେ ୧୭ ଶିକ୍ଷକ ଲମ୍ବା ଛୁଟିରେ ଥିବା ଓ ୭ ଶିକ୍ଷକଙ୍କୁ କାର୍ଯ୍ୟରୁ ବହିଷ୍କାର ନେଇ ରିପୋର୍ଟ ପ୍ରଦାନ କରାଯାଇଥିଲା। ଏବେ ପୁଣି ଦିଆଯାଇଥିବା ରିପୋର୍ଟରେ ୧୭ ଜଣ ଲମ୍ବା ଛୁଟିରେ ଥିବା ଏବଂ ଜଣେ ଶିକ୍ଷକଙ୍କୁ କାର୍ଯ୍ୟଚ୍ୟୁତ କରାଯାଇଥିବା ଦର୍ଶାଯାଇଛି। ଉଭୟ ରିପୋର୍ଟରେ ତାଳମେଳ ରହୁନାହିଁ। ଏମିତିକି କେତେଜଣ ଶିକ୍ଷକଙ୍କୁ କେବଳ ନୋଟିସ କରାଯିବା ଭଳି ରିପୋର୍ଟ ଦିଆଯାଇଥିବା ଜଣାପଡ଼ିଛି। ତେଣୁ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଗଣ ଶିକ୍ଷା ବିଭାଗକୁ ମଧ୍ୟ ଭୁଲ ତଥ୍ୟ ପ୍ରଦାନ କରାଯାଉଥିବା ଜଣାପଡ଼ିଛି।

ଡିଇଓ ପ୍ରଥମ ରିପୋର୍ଟରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକଙ୍କ ତଥ୍ୟ ଦେଇଥିଲେ। ତେବେ ଏହା ମଧ୍ୟ ଅସମ୍ପୂର୍ଣ୍ଣ ରହିଥିଲା। ସେହିପରି ଲମ୍ବାଛୁଟିରେ ଥିବା ମାଧ୍ୟମିକ ଶିକ୍ଷକଙ୍କ ତାଲିକା ମଧ୍ୟ ପ୍ରଦାନ କରି ନ ଥିଲେ। ଏହାକୁ ନେଇ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ ନଭେମ୍ବର ୨୪ ରେ ଚିଠି ନଂ. ୨୫୨୧୭ ମାଧ୍ୟମରେ ସମ୍ପୂର୍ଣ୍ଣ ତଥ୍ୟ ମାଗିଥିଲେ। ଅସମ୍ପୂର୍ଣ୍ଣ ତଥ୍ୟ ଥିବାରୁ ତାହାକୁ ଗ୍ରହଣ ନ କରି ସମ୍ପୂର୍ଣ୍ଣ ତଥ୍ୟ ସହ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ବ୍ରହ୍ମପୁର ସ୍ଥିତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ରିପୋର୍ଟ ପ୍ରଦାନ ଦିଗରେ ଡିଇଓଙ୍କ କାର୍ଯ୍ୟକୁ ତଦାରଖ କରିବା ସହ ଠିକ୍ ରିପୋର୍ଟ ପ୍ରଦାନ କରିବେ ବୋଲି ନିର୍ଦ୍ଦେଶ ରହିଥିଲା। ରିପୋର୍ଟ ୫ ଦିନ ମଧ୍ୟରେ ପ୍ରଦାନ କରିବାକୁ ଚିଠିରେ ଉଲ୍ଲେଖ ଥିଲା। ଏହା ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ତଦାରଖ କରିବା ପାଇଁ ନିର୍ଦ୍ଦେଶ ରହିଥିଲା। କ୍ରମିକ ନମ୍ବର, ଶିକ୍ଷକଙ୍କ ନାମ, କେଉଁ ବିଷୟରେ ଶିକ୍ଷକ, କେଉଁ ତାରିଖରୁ ଓ କେଉଁ କାରଣରୁ ଛୁଟିରେ ରହିଛନ୍ତି, ତାଙ୍କ ବିରୋଧରେ କିଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ତାହାର ତଥ୍ୟ ଦେବାକୁ କୁହାଯାଇଥିଲା। ନବରଙ୍ଗପୁର ଡିଇଓ ପ୍ରଦୀପ କୁମାର ନାଗ ଚିଠି ନଂ. ୬୩୪୧ ଅନୁଯାୟୀ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ବ୍ରହ୍ମପୁରକୁ ପ୍ରାଥମିକ ଶିକ୍ଷକ ମାନଙ୍କର ତଥ୍ୟ ଦେଇଥିଲେ। ଏଥିରେ ୭ ଜଣ ଚିକିରିରୁ ବହିଷ୍କୃତ ହୋଇଥିବା ନେଇ ନାମ ଦର୍ଶାଯାଇଥିଲେ ମଧ୍ୟ ୧୭ ଶିକ୍ଷୟିତ୍ରୀ ଶିକ୍ଷକ ଦୀର୍ଘ ବର୍ଷ ଧରି ଲମ୍ବା ଛୁଟିରେ କାହିଁକି ରହିଛନ୍ତି ତହାର କୌଣସି କାରଣ ଦର୍ଶା ଯାଇ ନ ଥିଲା। ଚିଠି ଆଧାରରେ ଶିକ୍ଷୟତ୍ରୀ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଏବଂ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଉପରେ କିଛି ତଥ୍ୟ ପ୍ରଦାନ କରାଯାଇ ନ ଥିଲା। ପରବର୍ତ୍ତି ସମୟରେ ଗଣ ଶିକ୍ଷା ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯାଉ ବୋଲି କୁହାଯାଇଥିଲା। ଫଳରେ ଦ୍ୱିତୀୟ ରିପୋର୍ଟରେ ୧୭ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଲମ୍ବା ଛୁଟିରେ ରହିଥିବା ଏବଂ ଜଣେ ଶିକ୍ଷକଙ୍କୁ କାର୍ଯ୍ୟଚ୍ୟୁତ କରାଯାଇଥିବା ତଥ୍ୟରେ ଦର୍ଶାଯାଇଥିଲା। କନିଷ୍ଠ ଶିକ୍ଷକ ସ୍ମୃତି ରଞ୍ଜନ ପ୍ରଧାନ ୨୦୧୯ ଜୁଲାଇ ୫ରୁ ଛୁଟିରେ ଅଛନ୍ତି। ୨୦୨୧ ଡିସେମ୍ବର ୧୬ରେ ତାଙ୍କୁ ନୋଟିସ କରାଯାଇଛି। ପରବର୍ତ୍ତି କାର୍ଯାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ସେହିଭଳି ଚିନ୍ମୟୀ ଗୌଡ଼ ୨୦୧୯ ମାର୍ଚ୍ଚ ୧୩ ରୁ ଛୁଟିରେ ରହିଲେ। ୨୦୧୯ ଡିସେମ୍ବର ୧୬ ଓ ୧୮ ତାରିଖରେ ନୋଟିସ ପରେ ୨୦୨୨ ଜାନୁୟାରୀରେ ପୁଣି ନୋଟିସ ଦିଆଗଲା। ଲବ ଗୌଡ଼ ୨୦୧୦ ନଭେମ୍ବର ୧ ରୁ ୨୦୧୯ ଫେବୃୟାରୀ ୧ ପର୍ଯ୍ୟନ୍ତ ଅନୁପସ୍ଥିତ ଥିଲେ। କାରଣ ଦର୍ଶାଅ ନୋଟିସ ପରେ ଫେବୃୟାରୀ ୨୦୧୯ରେ କାର୍ଯ୍ୟଚ୍ୟୁତ କରାଯାଇଛି। ନରେନ୍ଦ୍ର ହରିଜନ ଏପ୍ରିଲ ୨୦୧୮ରୁ ଏପର୍ଯ୍ୟନ୍ତ ଛୁଟିରେ ଅଛନ୍ତି। ଗଣ ଶିକ୍ଷକ ପୂର୍ଣ୍ଣ ଭତରା ୨୦୧୦ ନଭେମ୍ବର ୧ରୁ ଛୁଟିରେ ଅଛନ୍ତି। ୨୦୧୬ ଡିସେମ୍ବର ୧୩ ଓ ୨୦୧୮ ଫେବୃୟାରୀ ୨୮ରେ ନୋଟିସ କରାଯାଇଥିବା ସ୍ୱାଧୀନ ମାଝି ୨୦୧୪ ଅକ୍ଟୋବର ୧୩ରୁ ଛୁଟିରେ ରହିଛନ୍ତି। ୨୦୧୮ ଫେବୃୟାରୀ ଓ ୨୦୨୨ ଅଗଷ୍ଟରେ ନୋଟିସ ପ୍ରଦାନ କରାଯାଇଛି। ଏହାପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ସେହିଭଳି ତପନ ପୂଜାରୀ ୨୦୧୮ ଜୁଲାଇ ୧ରୁ ଅନୁପସ୍ଥିତ ଥିବାବେଳେ ୨୦୧୮ ଡିସେମ୍ବର ୧୪ରେ ତାଙ୍କୁ ନୋଟିସ କରାଯାଇଥିବା ଦର୍ଶାଯାଇଛି । ସେହିଭଳି ଗଣେଶ ସାହୁ ଅକ୍ଟୋବର ୨୦୧୬ ରୁ ଅନୁପସ୍ଥିତ ଥିବାବେଳେ ୨୦୧୮ ଡିସେମ୍ବରରେ ନୋଟିସ କରଯାଇଥିବା ଉଲ୍ଲେଖ ରହିଛି। ଲାଇବାନ ମାଝି ୨୦୧୬ ଓ ଗୌତମ ଦାଶ ମାର୍ଚ୍ଚ ୨୦୨୧ରୁ ଛୁଟିରେ ଥିବାରୁ ସେମାନଙ୍କୁ ନୋଟିସ ଜାରି କରାଯାଇଛି। ଦୁର୍ଯ୍ୟନ ପୂଜାରୀ ଫେବୃୟାରୀ ୨୦୨୨, କେଶବ ଭତରା, ବାବାଜୀ ଚରଣ ମହନା, ରଞ୍ଜନ କୁମର କାଣ୍ଡି ଫେବୃୟାରୀ ୨୦୨୧ ଓ ନିରୁପମା ପୃଷ୍ଟି ୨୦୨୦ ଫେବୃୟାରୀରୁ ଅନୁପସ୍ଥିତ ଥିବାବେଳେ ସଙ୍ଗୀତା ରାଉତ ସେପ୍ଟେମ୍ବର ୨୦୨୧, ବିଚିତ୍ର କୁମର ମହାନ୍ତି ଜୁନ୍ ୨୦୧୮, ରଞ୍ଜିତ କୁମାର ଜେନା ୨୦୨୧ ମେ ମାସରୁ ଛୁଟିରେ ରହିଛନ୍ତି। ଗଣଶିକ୍ଷକ ଗୌତମ ଦାଶ ୨୦୧୬ରୁ ଅନୁପସ୍ଥିତ ଅଛନ୍ତି। ଏମାନଙ୍କ ଦରମା ବନ୍ଦ କରାଯାଇଛି। ଲାଇବାନ ମାଝି ଜୁଲାଇ ୨୦୧୬ ଓ ଗୌତମ ଦାଶ ୨୦୨୦ ଜାନୁୟାରୀ ୩ରୁ ଲମ୍ବା ଛୁଟିରେ ରହିଛନ୍ତି। ହେଲେ ସେମାନଙ୍କୁ କେବଳ ସାଧାରଣ ନୋଟିସ କରି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏହାଦ୍ୱାରା ଜିଲାରେ ଶିକ୍ଷକମାନେ ଲମ୍ବା ଛୁଟିରେ ରହି ପରବର୍ତ୍ତି ସମୟରେ ଆଇନର ଗଳାବାଟ ଦେଇ ପୁଣି କର୍ମସ୍ଥଳକୁ ଫେରି ଆସିବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ତେଣୁ ରାଜ୍ୟ ସରକାର ଏଥିପ୍ରତି ଗୁରୁତ୍ୱ ଦେବା ଜରୁରୀ ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।

## ରୌପ୍ୟ ପଦକ ଜିତିଥିବା ଜିପିଏସ୍ ଖେଳାଳି ସମ୍ମାନିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଦୌଡ଼ରାଣୀ ଦୂତୀ ଚାନ୍ଦ, ପୌରାଧକ୍ଷା ଓ କୃତୀ ଖେଳାଳି।

**ଆନ୍ତଃରାଜ୍ୟ ସିବିଏସ୍ଇ-୨ ଖୋଖୋ ପ୍ରତିଯୋଗିତା**

**ଗୁଣପୁର,୨୫।୧୨(ଡି. ଏନ୍.ଏ.)**

ଛତିଶଗଡ଼ର ବିଳାଶପୁରଠାରେ ଅନୁଷ୍ଠିତ ଆନ୍ତଃରାଜ୍ୟ(ସିବିଏସ୍ଇ କ୍ଲଷ୍ଟର ୨) ଖୋଖୋ ପ୍ରତିଯୋଗିତାରେ ଗୁଣପୁର ସ୍ଥିତ ଗାନ୍ଧୀ ପବ୍ଲିକ୍ ସ୍କଲ(ଜିପିଏସ୍)ର ଉଭୟ ବାଳିକା ଓ ବାଳକ ଦଳ ରୌପ୍ୟ ପଦକ ପାଇ ସ୍କୁଲ ଏବଂ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଏହି ଅବସରରେ ଗୁଣପୁର ଠାରେ ଆୟୋଜିତ ରାଜ୍ୟସ୍ତରୀୟ ବଂଶଧାରା ବସନ୍ତ ମହୋତ୍ସବର ମେଗା କ୍ରୀଡ଼ା କାର୍ଯ୍ୟକ୍ରମରେ ଉଦ୍‌ଘାଟିକା ରୂପେ ଯୋଗଦେଇ ଅର୍ଜୁନ ପୁରସ୍କାରପ୍ରାପ୍ତ ଅଲମ୍ପିଆଡ୍ ଦୂତୀ ଚାନ୍ଦ ଖୋଖୋ ଖେଳାଳୀଙ୍କ ସମେତ ପ୍ରଶିକ୍ଷକ ଅନନ୍ତ ରଥ, କ୍ରୀଡ଼ା ଶିକ୍ଷକ ଦେବେନ୍ଦ୍ର ନାୟକଙ୍କୁ ବଂଶଧାରା କ୍ରୀଡ଼ା ମଞ୍ଚରେ ସମ୍ବର୍ଦ୍ଧିତ କରିଥିଲେ। ଏହି ଭବ୍ୟ କାର୍ଯ୍ୟକ୍ରମରେ ବିଧାୟକ ରଘୁନାଥ ଗମାଙ୍ଗ, ଉପଜିଲାପାଳ ଲଳିତ କୁମାର କଅଁର, ପୌର ପରିଷଦ ଅଧ୍ୟକ୍ଷା ମମତା ଗୌଡ଼ ଉପସ୍ଥିତ ରହି ଖୋଖୋ ଖେଳାଳୀଙ୍କୁ ଭୂୟସୀ ପ୍ରଶଂସା କରିବା ସହ ଅଭିନନ୍ଦନ ଜଣାଇଥିଲେ। ପ୍ରକାଶଯୋଗ୍ୟ, ଏହି ଆନ୍ତଃରାଜ୍ୟ ଖୋଖୋ ପ୍ରତିଯୋଗିତାରେ ଓଡ଼ିଶା, ଛତିଶଗଡ଼, ପଶ୍ଚିମବଙ୍ଗରୁ ବାଳିକା ବିଭାଗରେ ୧୩, ବାଳକ ବିଭାଗରେ ୧୫ ବିଦ୍ୟାଳୟ ସମେତ ଗାନ୍ଧୀ ପବ୍ଲିକ ସ୍କୁଲର ଉଭୟ ବାଳିକା, ବାଳକ ଦଳର ସଂଘର୍ଷପୂର୍ଣ୍ଣ ମୁକାବିଲା ହୋଇଥିଲା।

## ସଂକ୍ଷେପରେ

### ଗାଡି ଧକ୍କାରେ ଜଣେ ଗୁରୁତର

ଦଶମନ୍ତପୁର, ୨୫।୧୨(ଡି.ଏନ.ଏ.)- କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ମହକୁମାରସ୍ଥିତ ଶିବ ମନ୍ଦିର ନିକଟରେ ଏକ ଗାଡି ଧକ୍କାରେ ଜଣେ ବ୍ୟକ୍ତି ଗୁରୁତର ହୋଇ ପଡିଥିଲେ। ସେ ରାତିରେ ମନ୍ଦିର ଆଡକୁ ଯାଉଥିବା ବେଳେ ତାଙ୍କୁ ଏକ ବୋଲେରୋ ଧକ୍କା ଦେଇଥିଲା। ସେ ଗୁରୁତର ଅବସ୍ଥାରେ ରାସ୍ତା ମଝିରେ ପଡ଼ିଥିଲେ। ଏନେଇ ଥାନା ଅଧିକାରୀ ଚନ୍ଦ୍ରଭାନୁ ମହାନ୍ତି ସୂଚନା ପରେ ୧୦୮ ଆମ୍ବୁଲାନ୍ସକୁ ଜଣାଇଥିଲେ। ଆମ୍ବୁଲାନ୍ସ ପହଞ୍ଚି ସମ୍ପୃକ୍ତ ଗୁରୁତର ବ୍ୟକ୍ତିଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କ ପରିଚୟ ମିଳିନାହିଁ। ଏବେ ସେ ଚିକିତ୍ସାଧୀଥିବା ଜଣାପଡିଛି ।

### ଚମ୍ପାଗୁଡା ଗ୍ରାମରେ ବିହନ ମଞ୍ଜି ବଣ୍ଟନ

କୋରାପୁଟ, ୨୫।୧୨(ସ୍ୱ.ପ୍ର.)- କୋରାପୁଟ ଜିଲା ମା' ଘର ପକ୍ଷରୁ ରବିବାର କୋରାପୁଟ ପୌରାଞ୍ଚଳର ଚମ୍ପାଗୁଡା ଗ୍ରାମରେ ବିହନ ମଞ୍ଜି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମା' ଘର ରାଜ୍ୟ ସଭାନେତ୍ରୀ ରତୁପର୍ଣ୍ଣା ମହାନ୍ତି ଅଧକ୍ଷତା କରିଥିଲେ। କୋରାପୁଟ ଜିଲା ମା' ଘର ସଭାନେତ୍ରୀ ପ୍ରଭାତି ରାଉତ ଓ ସଦସ୍ୟା ସଦସ୍ୟ ଅଞ୍ଜୁ ମହାନ୍ତି, ରଞ୍ଜନ ପରିଡା, ସରସ୍ୱତୀ ପରିଡା, ଘନ ମାଳି, ପଣ୍ଡିତ ଶିବଶଙ୍କର ମହାନ୍ତି ପ୍ରମୁଖଉପସ୍ଥିତ ଥିଲେ। ମା' ଘରର ଏଭଳି ପ୍ରୟାସକୁ ଚମ୍ପାଗୁଡା ଗ୍ରାମବାସୀ ପ୍ରଶଂସା କରିଛନ୍ତି। ଆଗକୁ ମଧ ଏହିଭଳି ବିହନ ବଣ୍ଟନ କାର୍ଯ୍ୟକ୍ରମ ବିଭିନ୍ନ ଗ୍ରାମରେ କରାଯିବ ବୋଲି ପ୍ରଭାତ କହିଛନ୍ତି ।

## ରାଜ୍ୟସ୍ତରୀୟ ସର୍ଗିଫୁଲରେ ଭାରସିଂ ସ୍କୁଲ ପୁରସ୍କୃତ

**ଗୁଣପୁର,୨୫।୧୨(ଡି.ଏନ୍.ଏ.)**





ରାଜ୍ୟସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମରେ ଗୁଣପୁର ବ୍ଲକ ବାଗଶଳା ପଞ୍ଚାୟତ ଅନ୍ତର୍ଗତ ଭାରସିଂ ଉଚ୍ଚ ବିଦ୍ୟାଳୟକୁ ପୁରସ୍କୃତ କରାଯାଇଛି। ଭୁବନେଶ୍ୱର ୟୁନିଟ-୧ ଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପୁରସ୍କୃତ ହୋଇଛି। ଏଥିରେ ମୁଖମ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଅନୁସୁଚିତ ଜାତି ଏବଂ ଜନଜାତି ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇ ରାଜ୍ୟର ୬୦ ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ। ଭାରସିଂ ସ୍କୁଲ ପକ୍ଷରୁ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ଦାସ ମାନପତ୍ର ଗ୍ରହଣ କରିଥିଲେ। ଗତ ମାଟ୍ରିକ ପରୀକ୍ଷାରେ 'ଏ' ଗ୍ରେଡ୍ ରଖି ଉତ୍ତିର୍ଣ୍ଣ ହୋଇଥିବା ଭାରସିଂ ସ୍କୁଲ ଛାତ୍ରୀ ସେବିକା ଶବରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ପୁଟାସିଂର ୨ ହାଇସ୍କୁଲ, ଡମ୍ବସରା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଧ୍ୟ ସମ୍ବର୍ଦ୍ଧିତ ହୋଇଥିଲେ। ମଙ୍ଗଳ ବିଭାଗ ଅଧୀନରେ ଥିବା ଗୁଣପୁର ବ୍ଲକର ଭାରସିଂ, ପୁଟାସିଂ ଓ ଡମ୍ବସରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## କାର୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

**ଡୁମୁଡିବନ୍ଧ,୨୫।୧୨(ଡି.ଏନ୍.ଏ.)**

ଡୁମୁଡିବନ୍ଧ ମୁଖ୍ୟବଜାର ଜଗନ୍ନାଥ ମନ୍ଦିର ନିକଟରେ ଏକ କାର୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଝିରିପାଣି ପଞ୍ଚାୟତର ହରିଜନସାହିର ପାନବୁଢୁ ନାୟକ (୫୦)। ଲାଇନପଡ଼ା ଗ୍ରାମରେ ସେ ଘର ଭଡ଼ା ନେଇ ପରିବାର ସହିତ ରହୁଥିଲେ। ରବିବାର ସେ ବଜାର ସଫେଇ କରୁଥିବା ବେଳେ ପିକନିକ୍‌ରୁ ଫେରୁଥିବା ଏକ କାର୍ (ନଂ ଓଡି୦୨ଏପି-୮୭୮୮) ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ପୋଲିସ ପହଞ୍ଚି କାର୍‌କୁ ଜବତ କରିଛି। ପରେ ମୃତଦେହ ବ୍ୟବଛେଦ ପାଇଁ ଡୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ମୃତ ବ୍ୟକ୍ତିଙ୍କ ପରିବାରକୁ ସ୍ଥାନୀୟ ଲୋକେ କ୍ଷତିପୂରଣ ଦେବାକୁ ଦାବି କରିବାରୁ ଥାନାଧିକାରୀ ଜୟନ୍ତ କୁମାର ସେଠୀଙ୍କ ଉପସ୍ଥିତିରେ କାର୍ ଚାଳକ ୧ ଲକ୍ଷ ୮୦ ହଜାର ଟଙ୍କା ଦେବାକୁ ରାଜି ହୋଇଥିଲେ। ଫଳରେ ଉତ୍ତେଜନା ହ୍ରାସ ପାଇଥିଲା। ଏନେଇ ଡୁମୁଡିବନ୍ଧ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

## 'ଆମ ନବରଙ୍ଗପୁର ସଂସ୍କୃତି ଓ ପରମ୍ପରା' ଶୀର୍ଷକ ଆଲୋଚନାଚକ୍ର





ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ ।

**ନବରଙ୍ଗପୁର,୨୫।୧୨(ବି.ପ୍ର.)**

ସ୍ଥାନୀୟ କୁଞ୍ଜବିହାରି ପାଠାଗାର ପରିସରରେ 'ଆମ ନବରଙ୍ଗପୁର ସଂସ୍କୃତି ଓ ପରମ୍ପରା' ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ. ରାଧାନାଥ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ରୂପେ ନାରାୟଣ ପାତ୍ର ଅଂଶଗ୍ରହଣ କରି ନବରଙ୍ଗପୁରର ପୁରପଲ୍ଲୀରେ ଥିବା ପରମ୍ପରା ଉପରେ ଆଲୋଚନା କରି କହିଥିଲେ, ସେ ପରମ୍ପରା ଏବେକା ପରିସ୍ଥିତିରେ ଲୁଚିବାକୁ ଆରମ୍ଭ କରିଲାଣି। ସୁନ୍ଦର ସମାଜ ଶିକ୍ଷା ଏବଂ ସଂସ୍କାର ଦେଉଥିବା ପରମ୍ପରା ଲୁଚିଗଲେ ସମାଜ ପଥଭ୍ରଷ୍ଟ ହେବ। ବିଜୟ ଚୌଧରୀ ନିଜ ବକ୍ତବ୍ୟରେ କହିଥିଲେ, ନବରଙ୍ଗପୁରର ଅନେକ ପରମ୍ପରା ଏବେ ବି ବଞ୍ଚିରହିଛି ଏବଂ ଆଗକୁ ମଧ୍ୟ ରହିବ ବୋଲି କହିଥିଲେ। ଅନ୍ୟ ବକ୍ତା ଭାବେ ଗୋପବନ୍ଧୁ ବିଶୋଇ ଯୋଗଦେଇ ନବରଙ୍ଗପୁର ପରମ୍ପରା କେଉଁ ଅନାଦି କାଳରୁ ପ୍ରଭାବ ବିସ୍ତାର କରି ସମାଜକୁ ଏକତା ସୂତ୍ରରେ ବାନ୍ଧି ରଖିପାରିଛି ବୋଲି କହିଥିଲେ। ଗ୍ରାମ୍ୟ ଜୀବନ ସହ ସହରୀ ଜୀବନ ମଧ୍ୟରେ ଥିବା ସୂକ୍ଷ୍ମ ପାର୍ଥକ୍ୟକୁ ବୁଝାଇଥିଲେ। ସଭା ଆରମ୍ଭରେ ହରିହର ନାୟକ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଜାହ୍ନବୀ ପଣ୍ଡାଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ହୋଇଥିଲା। ନାଟ୍ୟକର ଜଗନ୍ନାଥ ବେହେରା ସ୍ୱାଗତ ଓ ଅତିଥି ପରିଚୟ ସହ ଧନ୍ୟବାଦ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜେମାମଣି ବିଶୋଇ, ଗୋକୁଳ ମହାନ୍ତି, ବୈଦେହୀ ପଣ୍ଡା, ଭାରତୀ ବିଶୋଇ, ପ୍ରଭାତୀ ବିଶୋଇ, କୁମୁଦ ପଟନାୟକ, ରଘୁନାଥ ପାତ୍ର, ଲାଲୁ ମହାପାତ୍ର, ଦମୟନ୍ତି ବେହେରା, କୃଷ୍ଣ ଦାସ, ବିକ୍ରମ ନନ୍ଦ, ଜଗନ୍ନାଥ ମହାପାତ୍ର ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ। ସମାଜରୁ ଧୀରେ ଧୀରେ ସଂସ୍କୃତି ଏବଂ ପରମ୍ପରା ଲୋପ ପଉଥିବାରୁ ଏହାର ସୁରକ୍ଷା କରିବା ସମସ୍ତଙ୍କ କର୍ତ୍ତବ୍ୟ ବୋଲି ସମସ୍ତେ କହିଥିଲେ। ଏଥିରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ ପାଇଥିଲା।

## ଅନୁମତି ମିଳିବାପରେ ଆଣ୍ଟୋଭଙ୍କ ମୃତଦେହ ବ୍ୟବଚ୍ଛେଦ ହେବ

**ରାୟଗଡ଼ା,୨୫।୧୨(ସ୍ୱ.ପ୍ର.)**

ରୁଷିଆରୁ ରାୟଗଡ଼ା ବୁଲିବାକୁ ଆସିଥିବା ଦୁଇ ପର୍ଯ୍ୟଟକ ଭ୍ଲାଡିମିର୍ ବିଦାନୋଭ ଏବଂ ଆଣ୍ଟୋଭ ପାଭେଲଙ୍କ ଦିନକ ବ୍ୟବଧାନରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ଭ୍ଲାଡିମିର୍‌ଙ୍କ ମୃତଦେହ ଶନିବାର ବ୍ୟବଚ୍ଛେଦ କରାଯାଇ ସିରିଗୁଡ଼ା ସ୍ଥିତ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ହେଲେ ଆଣ୍ଟୋଭଙ୍କ ବ୍ୟବଚ୍ଛେଦ ଏବଂ ଶେଷକୃତ୍ୟ ସମ୍ପନ୍ନ ହୋଇପାରିନି। ରବିବାର ଦୂତାବାସ ବନ୍ଦ ଥିବାରୁ ଆଣ୍ଟୋଭଙ୍କ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପାୱାର ଅଫ ଆଟର୍ଣ୍ଣି ମିଳିନାହିଁ। ଫଳରେ ଆଣ୍ଟୋଭଙ୍କ ମୃତଦେହ ଜିଲା ମୁଖ୍ୟ ଚିକିତ୍ସାଳୟ ଶବଗୃହରେ ରଖାଯାଇଛି। ବ୍ୟବଚ୍ଛେଦ ପାଇଁ ଅନୁମତି ମିଳିବା ପରେ ବ୍ୟବଚ୍ଛେଦ କରାଯିବ ବୋଲି ରାୟଗଡ଼ା ଟାଉନ ଥାନା ଅଧିକାରୀ ରଶ୍ମିରଞ୍ଜନ ପ୍ରଧାନ କହିଛନ୍ତି। ସୂଚନାଯୋଗ୍ୟ, ଭ୍ଲାଡିମିର୍ ଏବଂ ଆଣ୍ଟୋଭ ଅନ୍ୟ ୨ ସାଥୀଙ୍କ ସହ ଭାରତ ଭ୍ରମଣରେ ଆସିଥିଲେ। ଗତ ୨୧ ତାରିଖରେ ଭ୍ଲାଡିମିର୍‌ଙ୍କ ଅସୁସ୍ଥ ହୋଇ ମୃତ୍ୟୁ ଘଟିଥିବାବେଳେ ଶନିବାର ହୋଟେଲ ଛାତରୁ ପଡ଼ି ଆଣ୍ଟୋଭ ମୃତ୍ୟୁ ଘଟିଥିଲା।

## ଆଖୁ କିଆରି ଜଳିଗଲା

**ଶେରଗଡ଼, ୨୫।୧୨(ଡି.ଏନ.ଏ.):**

ଶେରଗଡ଼ ପେଟ୍ରୋଲ ପମ୍ପ ପଛପଟେ ଥିବା ଆଖୁ କିଆରିରେ ରବିବାର ପୂର୍ବାହ୍ନରେ ହଠାତ ନିଆଁ ଲାଗିଯାଇଥିଲା। ଫଳରେ ୧୦ଭରଣ ଜମିର ଆଖୁ ପୋଡ଼ିଯାଇଛି। ଶେରଗଡ଼ ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଉକ୍ତ ଜମି ଉପର ଦେଇ ବିଦ୍ୟୁତ୍ ତାର ଯାଇଥିବାରୁ ଶର୍ଟ ସର୍କିଟରୁ ନିଆଁ ଖସି ଶୁଖିଲାପତ୍ରରେ ଲାଗି ପୁରା ଆଖୁ କିଆରୀ ଜଳି ଯାଇଥିଲା। ଆଖୁ କଟାଯିବା ସମୟ ବେଳେ ଏପରି କ୍ଷତି ହୋଇଥିବାରୁ ଚାଷୀଙ୍କୁ ଋଣ ପରିଶୋଧ ନିମନ୍ତେ ସରକାରୀ ସହାୟତା ପାଇଁ ଦାବି ହେଉଛି।

## ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

**ବୁଗୁଡ଼ା,୨୫।୧୨(ଡି.ଏନ୍.ଏ.):**

ବୁଗୁଡ଼ା ଥାନା ଅନ୍ତର୍ଗତ ଗୋଲାମୁଣ୍ଡୁଳା ଗ୍ରାମର ଏକ ପୋଖରୀରେ ଜଣେ ବୃଦ୍ଧ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ସେ ହେଲେ ପୋଲସରା ଥାନା ଅଧିନସ୍ଥ ହାତୀପାଦପଲ୍ଲୀ ଗ୍ରାମର ନଟବର ପ୍ରଧାନ (୮୦)। ରବିବାର ନଟବର ବୁଗୁଡ଼ାରୁ ପରିବା କିଣି ଗୋଲାମୁଣ୍ଡୁଳା ଗାଁର ଗୁଡ଼ିବନ୍ଧ ହୁଡା କଡ଼େ କଡେ ଯାଉଥିବା ସମୟରେ ପୋଖରୀକୁ ଖସି ପଡ଼ିଥିଲେ। ଦମକଳବାହିନୀ ସେଠାରେ ପହଞ୍ଚି ନଟବରଙ୍କୁ ଉଦ୍ଧାର କରି ବୁଗୁଡ଼ା ମେଡିକାଲକୁ ଆଣିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଗାନ୍ଧୀ ପବ୍ଲିକ ସ୍କୁଲରେ ବଡ଼ଦିନ ପାଳିତ

**ଗୁଣପୁର,୨୫।୧୨(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଣପୁର ଗାନ୍ଧୀ ପବ୍ଲିକ ସ୍କୁଲରେ ବଡ଼ଦିନ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ଏହି ଅବସରରେ କଲେଜରେ ଏକ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ଛାତ୍ରୀଛାତ୍ର ମାନେ ଯିଶୁଖ୍ରୀଷ୍ଟଙ୍କ ଜନ୍ମସ୍ଥାନର ନିଦର୍ଶନ ସ୍ୱରୂପ ଏକ ସୁନ୍ଦର କୁଟୀର ନିର୍ମାଣ କରିଥିଲେ। ଖ୍ରୀଷ୍ଟମାସ ପାଇଁସୁନ୍ଦର ଆଲୋକମାଳାରେ ସଜ୍ଜିତ କରିଥିଲେ। ପିତା ଜୋସେଫ, ମାତା ମରୀୟମ ଓ ଯିଶୁଖ୍ରୀଷ୍ଟଙ୍କ ବେଶରେ ପିଲାମାନେ ସୁନ୍ଦର ଅଭିନୟ କରି ମନ ମୋହିଥିଲେ। ଜିଙ୍ଗଲବେଲ ସଙ୍ଗୀତର ତାଳେତାଳେ ସାନ୍ତାକ୍ଲସ ପିଲାଙ୍କ ଗହଣରେ ବୁଲି ମିଷ୍ଟାନ୍ନ ବଣ୍ଟନ ସହ ବଡ଼ଦିନର ଅଭିନନ୍ଦନ ଜଣାଇଥିଲେ। ଯିଶୁଖ୍ରୀଷ୍ଟଙ୍କ ଜୀବନ ଦର୍ଶନକୁ ନେଇ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ବକ୍ତୃତା ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରତ ରଞ୍ଜନ ପାଠୀ କହିଥିଲେ, ମାନବତା ମଧ୍ୟରେ ସର୍ବଧର୍ମ ଭାବନା ଯାହାକି ଛାତ୍ରୀଛାତ୍ରଙ୍କ ଜୀବନରେ ଶାନ୍ତି, ସଦ୍‌ଭାବନାର ବାର୍ତ୍ତା ଦେଇଥାଏ। ଜିଆଇଇଟି ବିଶ୍ୱବିଦ୍ୟାଳୟର ମହାନିର୍ଦ୍ଦେଶକ ଜଗଦୀଶ ପଣ୍ଡା କହିଥିଲେ, ଯିଶୁଖ୍ରୀଷ୍ଟଙ୍କ ସତ୍ୟ ଓ ଅହିଂସା ବାଣୀ ଏକ ସୁନ୍ଦର ପୃଥିବୀ ରଚନା ପାଇଁ ମାନବ ଜାତି ପ୍ରତି ପ୍ରେରଣାଦାୟୀ ଅଟେ। କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ଜିଆଇଇଟି ବିଶ୍ୱବିଦ୍ୟାଳୟର ସଭାପତି ସତ୍ୟପ୍ରକାଶ ପଣ୍ଡା, ଉପସଭାପତି ଚନ୍ଦ୍ରଧ୍ୱଜ ପଣ୍ଡା ବଡ଼ଦିନର ଅଭିନନ୍ଦନ ଜାଣଇଥିଲେ।



# ଦୁର୍ଘଟଣାରେ ଜଣେ ବ୍ୟକ୍ତି, ୬ ଗୋରୁ ମୃତ

**ରାଇଘର,୨୫।୧୨(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ରାଇଘର ଥାନା ଅନ୍ତର୍ଗତ ଦେଓଭରଣ୍ଡି ଠାରେ ରବିବାର ଅପରାହ୍ନରେ ଏକ ଟିପ୍ପର ଧକ୍କାରେ ଜଣେ ବୃଦ୍ଧ ଏବଂ ୬ ଗୋରୁଙ୍କ ମୃତ୍ୟୁ ଘଟିଛି। ମୃତ୍ୟୁ ଘଟିଥିବା ବୃଦ୍ଧ ହେଲେ ଗାଁର ସମାରୁ ଗଣ୍ଡ (୭୦)। ଗୋରୁ ଚରାଇବାକୁ ନେବା ସମୟରେ ଭାରତମାଳା ପ୍ରକଳ୍ପ କାର୍ଯ୍ୟରେ ନିୟୋଜିତ ଟିପ୍ପର ଦ୍ରୁତଗତିରେ ଆଇ ସମାରୁ ଏବଂ ଗୋରୁଙ୍କ ଉପରେ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ହିଁ ସମାରୁ ଏବଂ ଗୋରୁମାନଙ୍କର ମୃତ୍ୟୁ ଘଟିଥିଲା।

ଦୁର୍ଘଟଣାକୁ ନେଇ ଗ୍ରାମବାସୀ ଉତ୍ତ୍ୟକ୍ତ ହେବା ସହ କ୍ଷତିପୂରଣ ଦାବିରେ ମୁଖ୍ୟରାସ୍ତାରେ କାଠଗଣ୍ଡି ପକାଇ ଅବରୋଧ କରିଥିଲେ। ଏଥିସହ ଦୁର୍ଘଟଣା ଘଟାଇଥିବା ଟିପ୍ପର ଚାଳକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। କଂଗ୍ରେସ ନେତା ସନରାଜ ଗଣ୍ଡ ମଧ୍ୟ ରାସ୍ତା ଅବରୋଧରେ ସାମିଲ ହୋଇ କ୍ଷତିପୂରଣ ଦାବି କରିଥିଲେ। ଖବର ପାଇ କୁନ୍ଦେଇ ଥାନା ପୋଲିସ ଏବଂ ରାଇଘର ତହସିଲଦାର ମାନସ ଘଡ଼େଇ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରି ବିଫଳ ହୋଇଥିଲେ। ପରେ କୁନ୍ଦେଇ ଏବଂ ରଇଘର ଥାନା ପୋଲିସ ସମେତ ତହସିଲଦାର, ଅତିରିକ୍ତ ତହସିଲଦାର, ଉମରକୋଟ ଏସ୍‌ଡିପିଓ ଶୁଭେନ୍ଦୁ କୁମାର ଶବର, ରାଇଘର ଥାନା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବୁରୁଦା, କୁନ୍ଦେଇ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସେଠୀ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ଭାରତ ମାଳା ପ୍ରକଳ୍ପରେ କାମ କରୁଥିବା ଠିକାଦାର କ୍ଷତିପୂରଣ ବାବଦକୁ ୫ ଲକ୍ଷ ଟଙ୍କା ଦେବା ପାଇଁ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ରାସ୍ତାରୁ ହଟିଥିଲେ। ରାସ୍ତା ଅବରୋଧ ଯୋଗୁ ଉଭୟ ପାର୍ଶ୍ୱରେ ଶତାଧିକ ଗାଡି ଅଟକି ରହିଥିଲା। ରାଇଘର ପୋଲିସ ଗାଡ଼ି ଜବତ କରି ଗାଡି ଚାଳକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି।



ଗ୍ରାମବାସୀ ରାସ୍ତାରେ କାଠଗଣ୍ଡି ପକାଇ ଅବରୋଧ କରିଛନ୍ତି ।

**ଦୁର୍ଘଟଣାରେ ଜଣେ ବ୍ୟକ୍ତି, ୬ ଗୋରୁ ମୃତ**

ଧରିତ୍ରୀ
DHARITRI
ରାୟଗଡ଼ା, ସୋମବାର, ୨୬ ଡିସେମ୍ବର, ୨୦୨୨



**ସଂକ୍ଷେପରେ**

## ୪ ଅନୁଷ୍ଠାନ ପକ୍ଷରୁ ପୂର୍ବତନ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



କୁଡୁମୁଲୁଗୁମ୍ମା,୨୫।୧୨(ଡି.ଏନ.ଏ.)- ମାଲକାନଗିରି ଜିଲା କୁଡୁମୁଲୁଗୁମ୍ମା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପୂର୍ବତନ ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀଙ୍କୁ କୁଡୁମୁଲୁଗୁମ୍ମା ନାଗରିକ ମଞ୍ଚ, ପୂର୍ବତନ ଛାତ୍ର ସଂସଦ, ନିର୍ଝରଣୀ ସାହିତ୍ୟ ସଂସଦ ଓ ଡାରଉଇନ ସ୍ମାରକୀ ଯୁକ୍ତ ୩ ମହାବିଦ୍ୟାଳୟ ପକ୍ଷରୁ ରବିବାର ସମ୍ବର୍ଦ୍ଧିତ କରାଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଅଶୋକ ପ୍ରଧାନଙ୍କ ଆବାହକତ୍ୱରେ ଆୟୋଜିତ ଏହି ଉତ୍ସବରେ ସାମାଜିକ କର୍ମୀ ଭଗବାନ ସାହୁ, ବାଳକୃଷ୍ଣ ପ୍ରଧାନ, ବୁଦ୍ଧିଜୀବୀ ହେମନ୍ତ ଦାଶ, ଲ୍ୟାମ୍ପ ସଭାପତି ଗୋପୀ ପାଙ୍ଗି, ପ୍ରଧାନ ଶିକ୍ଷକ ଦିଲ୍ଲୀପ ଗଣ୍ଡ, କ୍ରୀଡା ସଂଗଠକ ଦେବେନ୍ଦ୍ର ରାଉତ, ଖବରଦାତା ହୃଷୀକେଶ ସେଠୀ ପ୍ରମୁଖ ଯୋଗଦେଇ ପୂର୍ବତନ ଶିକ୍ଷକ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସାହିତ୍ୟିକ ବଳରାମ ପୂଜାରୀ ମଞ୍ଚ ସଂଯୋଜନା କରିଥିଲେ। ଅଧାପିକା ମଧୁସ୍ମିତା ବିଶ୍ୱାଳ ଓ ପୁଷ୍ପାଞ୍ଜଳି ରଣା ସହଯୋଗ କରିଥିଲେ। ସମ୍ବର୍ଦ୍ଧନାର ଉତ୍ତରରେ ତ୍ରିପାଠୀ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ମାଲକାନଗିରି ମାଟିର ପ୍ରଶଂସା କରିଥିଲେ। ସୂଚନାଯୋଗ୍ୟ, ଶିକ୍ଷକ ତ୍ରିପାଠୀଙ୍କ ଘର ଯାଜପୁର ଜିଲାରେ।

## ଏନ୍‌ଏସ୍‌ଏସ୍ ପକ୍ଷରୁ ୭ ଦିନିଆ ଶିବିର

କୁନ୍ଦୁରା,୨୫।୧୨ (ଡି.ଏନ.ଏ.)-କୋରାପୁଟ ଜିଲା କୁନ୍ଦୁରା ବ୍ଲକସ୍ଥିତ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ ପକ୍ଷରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଝିଲିଗାଁଠାରେ ୭ଦିନିଆ ଜାତୀୟ ସେବା ଯୋଜନା (ଏନଏସ୍‌ଏସ୍)ର ୭ ଦିନିଆ ଶୀତକାଳୀନ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀମାନେ ବିଭିନ୍ନ ଦିବସରେ ସାସ୍ଥ୍ୟ ସଚେତନତା, ବାଲ୍ୟବିବାହ, ଯୁବ ନେତୃତ୍ୱ, ଶିକ୍ଷାର ଭୂମିକା, ନିଶା ନିବାରଣ ନେଇ ସଚେତନତା କାର୍ଯ୍ୟକ୍ରମ କରିଥିଲେ। ଏହି ଅବସରରେ ଏକ କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା। ଅଧକ୍ଷ ହୃଦୟ ରଞ୍ଜନ ପଣ୍ଡା ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଉଦଯାପାନୀ ଉତ୍ସବରେ ସରପଞ୍ଚ ଲବ ପରଜା, ପ୍ରଧାନଶିକ୍ଷୟିତ୍ରୀ ଶାନ୍ତିଲତା ତ୍ରିପାଠୀ, ଈଶ୍ୱର ଚନ୍ଦ୍ର ଲେଙ୍କା, ଅଜିତା ପଣ୍ଡା, ସୁଶାନ୍ତ ବେହେରା, ମନୋଜ ବେହେରା ପ୍ରମୁଖ ଯୋଗଦେଇ ଶିବିରାର୍ଥୀଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ।

## ବିଦ୍ୟାଳୟ ଜୀବନ ମନେ ପକାଇଲେ ଛାତ୍ରୀଛାତ୍ର



ଏମ୍‌ଭି ୭୯,୨୫।୧୨(ଡି.ଏନ.ଏ.)- ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମଭି-୭୯ ସ୍ଥିତ ଶାବରୀ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ରବିବାର ୧୯୮୦ରୁ ୧୯୯୦ ମସିହା ମଧ୍ୟରେ ଉତ୍ତୀର୍ଣ୍ଣ ଦଶମ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଆୟୋଜନ ଦାୟିତ୍ୱ ଏମଭି-୮୮ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ ସର୍ଦ୍ଦାର ଓ ଏମଭି ୭୯ ୟୁଜିବି ବ୍ୟାଙ୍କ ମ୍ୟାନେଜର ଅମିୟ ବୈରାଗୀ ନେଇଥିଲେ। ବନ୍ଧୁମିଳନରେ ୧ହଜାର ପୂର୍ବତନ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ପୂର୍ବତନ ପ୍ରଧାନଶିକ୍ଷକ ସ୍ୱର୍ଗତ ମାଣିକଲାଲ ଘୋଷଙ୍କ ଉଦ୍ଦେଶ୍ୟରେ ଛାତ୍ରୀଛାତ୍ରମାନେ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ଏହି ଅବସରରେ ସମସ୍ତେ ନିଜ ବିଦ୍ୟାଳୟର ଜୀବନର ଅନୁଭୂତିକୁ ମନେ ପକାଇଥିଲେ।

# ଦୁର୍ଗମ ଅଞ୍ଚଳରେ ଦୁର୍ଦ୍ଦଶାରେ ଗ୍ରାମବାସୀ

ମାଥିଲି,୨୫।୧୨(ଡି.ଏନ.ଏ.)



ଗ୍ରାମରେ ଥିବା ଅଚଳ ନଳକୂପ।



ଗ୍ରାମବାସୀ ଝରଣାରୁ ପାନୀୟ ଜଳ ସଂଗ୍ରହ କରୁଛନ୍ତି।

■ ମୌଳିକ ସୁବିଧାରୁ ବଞ୍ଚିତ କେରଙ୍ଗଜବା
■ ପୁଷ୍ଟିକର ଖାଦ୍ୟ,ପ୍ରାକ୍ ଶିକ୍ଷା ନାହିଁ
■ କାହାକୁ ମିଳିନି ଏଯାଏ ଆବାସ, ବିଜୁ ପକ୍କାଘର
■ ସ୍ୱାସ୍ଥ୍ୟସେବା ପାଇଁ ଗୁଣିଗାରେଡିର ଆଶ୍ରୟ ନିଅନ୍ତି ଗ୍ରାମବାସୀ

ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମାଳମାଳ ଯୋଜନା କାର୍ଯ୍ୟକାରୀ ହେଉଛି ସତ ମାତ୍ର ଦୁର୍ଗମ ଅଞ୍ଚଳରେ ସେସବୁ ପହଞ୍ଚିପାରୁନି। ପ୍ରଶାସନ ପକ୍ଷରୁ ମଧ୍ୟ ଲୋକଙ୍କ ନିକଟରେ ଯୋଜନାର ସୁଫଳ ପହଞ୍ଚାଇବା ଲାଗି ଆନ୍ତରିକ ଉଦ୍ୟମ ନାହିଁ। ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ମାଲକାନଗିରି ଜିଲାରେ ଏପରି ଗ୍ରାମ ରହିଛି, ଯେଉଁଠି ରାସ୍ତାଘାଟ, ପାନୀୟଜଳ, ସ୍ୱାସ୍ଥ୍ୟସେବା, ଅଙ୍ଗନୱାଡି ଶିକ୍ଷା, ବିଦ୍ୟାଳୟ କିଛି ନାହିଁ। ସେପରି ଏକ ଗ୍ରାମ ହେଉଛି ଜିଲାର ମାଥିଲି ବ୍ଲକ ଅନ୍ତର୍ଗତ କର୍ତ୍ତନପାଲ୍ଲି ପଞ୍ଚାୟତର କେରଙ୍ଗଜବା।

କେରଙ୍ଗଜବା ରାଜସ୍ୱ ଗ୍ରାମରେ ରହିଛି ଦୁଇଟି ପଡ଼ାସାହି ଅଲେଖଗୁଡା ଓ ଦୁଟିବାଡ଼ି। ମୋଟ ୩୫ ପରିବାର ବସବାସ କରନ୍ତି ଏହି ୨ ସାହିରେ। ଲୋକସଂଖ୍ୟା ୩ଶହ। ପିଡିଏସ ଚାଉଳ ହେଉ କିମ୍ବା ବୃଦ୍ଧାବୃଦ୍ଧ, ଭିନ୍ନକ୍ଷମ କିମ୍ବା ଭତ୍ତା ପାଇଁ ବଣ ପାହାଡ଼ର ପଥୁରିଆ ରାସ୍ତାରେ ନଦୀ ନାଳ ପାର ହୋଇ ୧୫ କି.ମି. ଚାଲିଚାଲି କର୍ତ୍ତନପାଲ୍ଲୀ ପଞ୍ଚାୟତକୁ ଗଲେ ମିଳିଥାଏ ଭତ୍ତା ଓ ପିଡିଏସ ଚାଉଳ। ଅନେକ ବର୍ଷ ତଳେ ଗ୍ରାମରେ ଗୋଟିଏ ମାତ୍ର କୂଅ ନିର୍ମାଣ ହୋଇଥିଲା। ଗୋଟିଏ ନଳକୂପ ମଧ୍ୟ ଖନନ କରାଯାଇଥିଲା। କୂଅରୁ ବର୍ଷା ଦିନେ ପାଣି ମିଳେ, କିନ୍ତୁ ଖରା ଦିନ ଆସିଲେ କୁଅଟି ଶୁଖିଯାଏ। ନଳକୂପ ଦୀର୍ଘଦିନ ହେଲା ଅଚଳ ହୋଇପଡ଼ିଛି। ଏହା ଏଯାଏ ମରାମତି ହୋଇନାହିଁ। ଫଳରେ ଗ୍ରାମବାସୀ ଆଖପାଖରେ ଥିବା ଝରଣାରୁ ପାନୀୟ ଜଳ ସଂଗ୍ରହ କରିଥାନ୍ତି। ସ୍ୱାସ୍ଥ୍ୟ ସେବା କହିଲେ ମାସକୁ ଥରେ ସ୍ୱାସ୍ଥ୍ୟକର୍ମୀମାନେ ଗ୍ରାମକୁ ଆସିଥାନ୍ତି। କାହାର ଦେହ ଖରାପ ଥିଲେ କିଛି ଔଷଧ ଦେଇ ଚାଲିଯାନ୍ତି। ପୁଣି ସେମାନେ ଆସିବା ସମୟ ମଧ୍ୟରେ ଯଦି କାହାର ଦେହ ଖରାପ ହୁଏ ତେବେ ଦିଶାରୀ ଅବା ଗୁଣିଗାରେଡି ହିଁ ଭରସା। ଗ୍ରାମକୁ ରାସ୍ତା ନ ଥିବାରୁ ଆବଶ୍ୟକ ସମୟରେ ଆମ୍ବୁଲାନ୍ସ ଆସିପାରେନାହିଁ। ରୋଗୀଙ୍କୁ ମେଡିକାଲ ନେବା କଷ୍ଟକର ହୋଇଥାଏ ବୋଲି କହନ୍ତି ଗ୍ରାମର ଗଙ୍ଗା ମାଢି, ମୁଡ କାଟାମି, ଆଡମା ମାଢି, ଅର୍ଜୁନ ପାଙ୍ଗି, ମାନ ଭୂମିଆ, ପାଣ୍ଡେ ମାଢି, ସୀତା ମାଢି ଓ ପାଇକେ ମାଡକାମୀ।

ଏପରି ଦୃଶ୍ୟ ଖାଲି କେରଙ୍ଗଜବା ନୁହେଁ ମାଥିଲି ବ୍ଲକ ଅଞ୍ଚଳରେ ଏପରି ଅନେକ ଗ୍ରାମ ଅଛି ଯେଉଁଠି ସରକାରୀ ଯୋଜନା ସ୍ୱପ୍ନ ପାଲଟିଛି। ସରକାରଙ୍କ ପକ୍ଷରୁ ୨୦୧୦ରେ ଗ୍ରାମରେ ଏକ ବିଦ୍ୟାଳୟ ପ୍ରତିଷ୍ଠା ହୋଇଛି। ବିଦ୍ୟାଳୟରେ ୨୪ ଜଣ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ଜଣେ ଶିକ୍ଷକ ନିଯୁକ୍ତ ହୋଇଛନ୍ତି। ଯଦି ସମ୍ପୃକ୍ତ ଶିକ୍ଷକ ଜଣକ ସରକାରୀ କାର୍ଯ୍ୟରେ ବ୍ଲକ କିମ୍ବା ଜିଲା କାର୍ଯ୍ୟାଳୟକୁ ଯାଆନ୍ତି ତେବେ ବିଦ୍ୟାଳୟ ବନ୍ଦ ରହେ। ଶିଶୁଙ୍କ ପ୍ରାକ୍ ଶିକ୍ଷା ଓ ପୁଷ୍ଟିକର ଖାଦ୍ୟ ପାଇଁ ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ନାହିଁ। ଫଳରେ ଶିଶୁ,ଗର୍ଭବତୀ ମହିଳା ଓ ପ୍ରସୂତିମାନେ ପୁଷ୍ଟିକର ଖାଦ୍ୟରୁ ବଞ୍ଚିତ ହେଉଛନ୍ତି। ନିକଟସ୍ଥ କୋପ୍ରା ଗ୍ରାମରେ ଗୋଟିଏ ଅଙ୍ଗନୱାଡି କେନ୍ଦ୍ର ରହିଥିଲେ ମଧ୍ୟ ନଦୀନାଳ ପାର ହୋଇ ସେଠାକୁ ଯିବା ସମ୍ଭବ ହେଉନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ବ୍ଲକ ଓ ଜିଲା ପ୍ରଶାସନ ଗ୍ରାମର ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ସିଟି ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ଜିଲାସ୍ତରୀୟ ଶିଶୁ ଉତ୍ସବରେ ସଫଳତା

ଜୟପୁର,୨୫।୧୨ (ନି.ପ୍ର.)

ଓଷ୍ଟାର ୩୯ତମ ଶିଶୁ ଉତ୍ସବ କୋରାପୁଟ ଜିଲାର ସୁନାପୁର ହାଇସ୍କୁଲଠାରେ ଗୁରୁବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ଶିଶୁମାନଙ୍କ ପ୍ରତିଭାର ବିକାଶ ପାଇଁ ତର୍କ, ଗଳ୍ପ ଲିଖନ, କବିତା ରଚନା, କବିତା ଆବୃତ୍ତି,ଏକକ ଅଭିନୟ, ଏକକ ନୃତ୍ୟ, ସାଧାରଣ ଜ୍ଞାନ, କୁଇଜ, ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ୧୪ଟି ବ୍ଲକରୁ ପ୍ରତ୍ୟେକ ବିଭାଗରେ ପୂର୍ବରୁ ବ୍ଲକ ସ୍ତରରେ ହୋଇଥିବା ପ୍ରତିଯୋଗିତାରେ ଭାଗ ନେଇ ପ୍ରଥମ ହୋଇଥିବା ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଜୟପୁର ସିଟି ଉଚ୍ଚ ବିଦ୍ୟାଳୟରୁ ନୃତ୍ୟରେ ପ୍ରଥମ ହୋଇଛନ୍ତି ନବମ ଶ୍ରେଣୀର ଏସ୍. ପୂଜା। କଣ୍ଠ ସଙ୍ଗୀତରେ ପ୍ରଥମ ହୋଇଛନ୍ତି ଅଷ୍ଟମ ଶ୍ରେଣୀର ଆସିନ ପାତ୍ର। ଏହି ୨ ଛାତ୍ରୀଛାତ୍ର ରାଜ୍ୟସ୍ତରରେ ଅନୁଷ୍ଠିତ ହେବାକୁ ଥିବା ଶିଶୁ ଉତ୍ସବରେ ଭାଗନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଅନ୍ୟ କୃତୀ ପ୍ରତିଯୋଗୀଙ୍କ ମଧ୍ୟରେ ଏକକ ଅଭିନୟରେ ଅଷ୍ଟମ ଶ୍ରେଣୀର ପି.ଏସ୍. ଆଲିଶା ଭଦ୍ରା ତୃତୀୟ, ସାଧାରଣ ଜ୍ଞାନରେ ଦଶମ ଶ୍ରେଣୀ ଛାତ୍ର ସୁନନ୍ଦ ବେହେରା ଏବଂ କୁଇଜରେ ଦଶମ ଶ୍ରେଣୀ ଛାତ୍ର ଭି.କାର୍ତ୍ତିକ ତୃତୀୟ ସ୍ଥାନ ପାଇଛନ୍ତି। ଆସନ୍ତା ଡିସେମ୍ବର ୨୬,୨୭ ଓ ୨୮ରେ କଟକ ଶହୀଦ ଭବନଠାରେ ଓଷ୍ଟା ରାଜ୍ୟସ୍ତରୀୟ ଶିଶୁ ଉତ୍ସବ ହେବ। ସେଠାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ଓଷ୍ଟା ପକ୍ଷରୁ କୁହାଯାଇଛି।

## ଜାତୀୟ ଖାଉଟି ସୁରକ୍ଷା ଦିବସ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ମାଲକାନଗିରି,୨୫।୧୨ (ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଆନୁକୁଲ୍ୟରେ ମାପ ନିୟନ୍ତ୍ରଣ ବିଭାଗ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପରିବର୍ତ୍ତନର ମିଳିତ ପ୍ରୟାସରେ ମାଲକାନଗିରି ଜିଲା ପରିଷଦ ସଭା ଗୃହରେ ଜାତୀୟ ଖାଉଟି ସୁରକ୍ଷା ଦିବସ ଶନିବାର ପାଳିତ ହୋଇଯାଇଛି। ଏଥିରେ ଜିଲା ଯୋଗାଣ ଅଧିକାରୀ ଅଜୟ ରଥ ମୁଖ୍ୟଅତିଥି ସମ୍ମାନିତ ଅତିଥି ରୂପେ ଖାଉଟି ଅଦାଲତର ପୂର୍ବତନ ଅଧକ୍ଷ ଅଶୋକ ପଟ୍ଟନାୟକ, ମାପ, ଓଜନ ନିୟନ୍ତ୍ରଣ ବିଭାଗର ଉପନିର୍ଦ୍ଦେଶକ ଉପସ୍ଥିତ ଥିଲେ। ଜନସାଧାରଣ ସେମାନଙ୍କ ଦୈନନ୍ଦିନ ଜୀବନରେ କିପରି ଠକାମିର ଶିକାର ନ ହୁଅନ୍ତି ସେଥିପ୍ରତି ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଦ୍ରବ୍ୟରେ ଠକାମି ଓ ସେବାରେ ଅବହେଳା ହେଲେ କିପରି ଖାଉଟି ସୁରକ୍ଷା ଆଇନର ଉପଯୋଗ କରି ନ୍ୟାୟ ପାଇବା ପାଇଁ ଖାଉଟି ଅଦାଲତର ଆଶ୍ରୟ ନେଇ କ୍ଷତି ପୂରଣ ପାଇପାରିବେ ସେ ସମ୍ପର୍କରେ ବୁଝାଇଥିଲେ। ଏହି ଅବସରରେ ବିଗତ ଦିନରେ ଏଟିଏମ୍‌ରୁ ଟଙ୍କା ହଡପ ମାମଲା, ବ୍ୟାଙ୍କ, ପୋଷ୍ଟ ଅଫିସ, ବୀମା କମ୍ପାନୀ, ଇପିଏଫ, ଲ୍ୟାମ୍ପ, ଥଣ୍ଡା ପାନୀୟ ଜଳ କମ୍ପାନୀ ସେମାନଙ୍କ ସେବା ପ୍ରଦାନରେ ଅବହେଳା କରି କ୍ଷତିପୂରଣ ଦେଇଛନ୍ତି ସେ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ପରିବର୍ତ୍ତନର ମୁଖ୍ୟ କାର୍ଯ୍ୟକ୍ରମ ଅଧିକାରୀ ଜିଓଟିନ୍ ସୋରେନ ଧନ୍ୟବାଦ ଦେଇଥିଲେ।

## ଜୟପୁରରେ ଯିଶୁଖ୍ରୀଷ୍ଟଙ୍କ ଜନ୍ମଦିବସ ପାଳିତ

ଜୟପୁର, ୨୫।୧୨(ନି.ପ୍ର.)

ଧରାପୃଷ୍ଠରେ ଅବତରଣ କଲେ ପ୍ରଭୁ ଯିଶୁ। ଭାଇଚାରାର ସହର ଜୟପୁରରେ ଜେଇଏଲସି ଚର୍ଚ୍ଚରେ ରବିବାର ପାଳନ ହୋଇଛି ଯିଶୁଖ୍ରୀଷ୍ଟଙ୍କ ଜନ୍ମଦିନ ପବିତ୍ର ବଡଦିନ। ଏଥିପାଇଁ ଚର୍ଚ୍ଚକୁ ଆକର୍ଷଣୀୟ ତୋରଣ ସହ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ଖ୍ରୀଷ୍ଟୀୟ ସମ୍ପ୍ରଦାୟର ଛୋଟରୁ ବଡ ପର୍ଯ୍ୟନ୍ତ ସମସ୍ତେ ନୂତନ ବସ୍ତ୍ର ପରିଧାନ କରି ଚର୍ଚ୍ଚରେ ଏକତ୍ରିତ ହୋଇ ପ୍ରାର୍ଥନା ଓ ବାଇବେଲ ପାଠ କରିଥିଲେ। ସମସ୍ତେ ପରସ୍ପରକୁ ଶୁଭେଚ୍ଛା ଜଣାଉଥିବା ଦେଖିବାକୁ ମିଳିଥିଲା। ଜେଇଏଲସିରେ ପାଷ୍ଟର ବାଇବେଲ ପାଠ କରିଥିଲେ। ଏହି ଅବସରରେ ବିଧାୟକ ତାରା ପ୍ରସାଦ ବାହିନୀପତି ଚର୍ଚ୍ଚକୁ ଯାଇ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇ ପ୍ରାର୍ଥନାରେ ଯୋଗ ଦେଇଥିଲେ। ଚର୍ଚ୍ଚରେ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ, ପୌରାଧକ୍ଷ ନରେନ୍ଦ୍ର ମହନ୍ତି, ଉପାଧକ୍ଷା ବି. ସୁନୀତା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସମସ୍ତଙ୍କୁ ବଡଦିନର ଶୁଭେଚ୍ଛା ଜଣାଇଥିଲେ। ସେହିପରି ଜୟପୁର ହାଣ୍ଡାଗୁଡା, କୁମୁଲିପୁଟ, ହାଟପଦା, ବୋରିଗୁମ୍ମାରେ ଥିବା ଗୀର୍ଜା ଘରେ ବଡଦିନ ପାଳିତ ହୋଇଥିଲା।

## ବାଇକ୍‌ରୁ ପଡି ମହିଳାଙ୍କ ମୃତ୍ୟୁ

ବୈପାରିଗୁଡା,୨୫।୧୨ (ଡି.ଏନ୍.ଏ.)

ବୈପାରିଗୁଡା–ରାମଗିରି ରାସ୍ତାର ମାଟିକୁପୁଲିଠାରେ ରବିବାର ଏକ ବାଇକ୍‌ରୁ ଖସିପଡି ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଦଣ୍ଡାବାଡି ପଞ୍ଚାୟତ ଫୁଲଢବା ଗ୍ରାମର ହରି ନାୟକଙ୍କ ସ୍ତ୍ରୀ ଦୈମତି(୬୦)। ସ୍ୱାମୀଙ୍କ ସହ ହରି, ଦୈମତି ଏକ ବାଇକ୍‌ରେ ଦୋରାଗୁଡା ପଞ୍ଚାୟତର ଲେପାଗୁଡା ଅଭିମୁଖେ ଆସୁଥିଲେ। ମାଟିକୁପୁଲିଠାରେ ଥିବା ଏକ କଲଭର୍ଟ ନିକଟରେ ରାସ୍ତା ଦବି ଯାଇଥିବାରୁ ବାଇକ୍ ନିୟନ୍ତ୍ରଣ ହରାଇ ରାସ୍ତା ଉପରେ ପଡିଯାଇଥିଲା। ଦୈମତିଙ୍କୁ ଗୁରୁତର ଅବସ୍ଥାରେ ବୈପାରିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ରାସ୍ତା ପୂର୍ତ୍ତ ବିଭାଗ ଅଧୀନରେ ରହିଛି। କିଛି ମାସ ତଳେ ଏହା ନିର୍ମାଣ ହୋଇଥିଲା। ନିର୍ମାଣର କିଛି ଦିନ ପରେ ଉପରୋକ୍ତ ସ୍ଥାନରେ ଦବିଯାଇଥିଲା। ଏହା ପୂର୍ବରୁ ମଧ୍ୟ ସେହି ସ୍ଥାନରେ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ଏଥିପ୍ରତି ପୂର୍ତ୍ତ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ସ୍ୱାଭିମାନ ଅଞ୍ଚଳରେ ମାଣ୍ଡିଆ ପ୍ରସ୍ତୁତ ଜଳଖିଆ ଷ୍ଟଲ

ଚିତ୍ରକୋଣ୍ଡା,୨୫।୧୨(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକର ସ୍ୱାଭିମାନ ଅଞ୍ଚଳ ଯୋଡ଼ାମ୍ବ ପଞ୍ଚାୟତ ଅନ୍ତର୍ଗତ ଦାରାଲାବେଢାଠାରେ ମାଣ୍ଡିଆରେ ପ୍ରସ୍ତୁତ ବିଭିନ୍ନ ଜଳଖିଆକୁ ନେଇ ରବିବାର ଏକ ଷ୍ଟଲ ପ୍ରତିଷ୍ଠା ହୋଇଛି। ଶିଶୁ ଓ ମହିଳା କଲ୍ୟାଣ ସମିତି ପରିଚାଳିତ ଓଡିଶା ମିଲେଟ ମିଶନ କାର୍ଯ୍ୟକ୍ରମ ମାଧ୍ୟମରେ ଏହା ପ୍ରତିଷ୍ଠା ହୋଇଥିବା ଜଣାପଡିଛି। ଉଦ୍‌ଘାଟନୀ ଉତ୍ସବରେ ବ୍ଲକ ଅଧକ୍ଷା ରାଜେଶ୍ୱରୀ ଖିଲ ମୁଖ୍ୟଅତିଥି, ଯୋଡ଼ାମ୍ବ ସରପଞ୍ଚ ପିଙ୍କି ହନ୍ତାଳ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଚଳିତବର୍ଷ ମିଲେଟ ମିଶନ କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ବ୍ଲକ ଅଞ୍ଚଳର ୨୯ଶହ ଚାଷୀଙ୍କୁ ଚୟନ କରାଯାଇ ୧୩୦୦ ହେକ୍ଟର ଜମିରେ ଜୈବିକ ପଦ୍ଧତିରେ ମାଣ୍ଡିଆ ଚାଷ କରାଯାଇଥିଲା। ଚାଷୀଙ୍କୁ ଆହୁରି ଉତ୍ସାହିତ କରିବା ଲାଗି ଏହି ଷ୍ଟଲ ଖୋଲାଯାଇଛି। ମାଣ୍ଡିଆରେ ତିଆରି ବିଭିନ୍ନ ଜଳଖିଆ ମଧ୍ୟରେ ବରା, ପକୋଡି, ଆଳୁଚପ, ଗୁଲୁଗୁଲା, ବ୍ରେଡ ଚପ୍, ସିଙ୍ଗଡା, ଦହିବରା, ମିଠା, ଚିପ୍ସ, ସୁଆଁ ଖିରି ଆଦି ରହିଛି। କାର୍ଯ୍ୟକ୍ରମ ଶିଶୁ ଓ ମହିଳା କଲ୍ୟାଣ ସମିତିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ସୂଚନାଯୋଗ୍ୟ, ଚଳିତବର୍ଷ ଚିତ୍ରକୋଣ୍ଡା ଅଞ୍ଚଳର ମାଣ୍ଡିଆ ଚାଷୀଙ୍କ ପାଇଁ ଚାଷୀ ପଞ୍ଜୀକରଣ ଚାଲିଛି। ମାଣ୍ଡିଆ କିଗ୍ରା ପ୍ରତି ୩୫ ଟଙ୍କା ରହିଛି। ମଣ୍ଡିରେ ମାଣ୍ଡିଆ ଅଧିକରୁ ଅଧିକ ପରିମାଣରେ ଦେବାକୁ ପ୍ରଚାର ରଥ ମାଧ୍ୟମରେ ଚାଷୀଙ୍କୁ ଅବଗତ କରାଯାଉଛି। ମିଲେଟ ମିଶନର ପ୍ରୋଗ୍ରାମ କୋଅର୍ଡିନେଟର ତପନ ରଥ, ଏବିପିସି ଦୀପକ ପାଙ୍ଗି, ଆକାଉଣ୍ଟାଣ୍ଟ ଜଗନ୍ନାଥ ରେଢ୍ଡି ଓ ଲବକୁଶ ଖେମୁଡୁ ପରିଚାଳନା କରିଥିଲେ।




ଖୋଲିଥିବା ମାଣ୍ଡିଆରେ ପ୍ରସ୍ତୁତ ଜଳଖିଆ ଷ୍ଟଲ।

## ଜଙ୍ଗଲରୁ ଗଞ୍ଜେଇ ଗଛ ନଷ୍ଟ

ମାଲକାନଗିରି,୨୫।୧୨ (ଡି.ଏନ୍.ଏ.)

ମାଲକାନଗିରିଜିଲା କାଲିମେଲା ଥାନା ପୋଲିସ ଗୁରାଲୁର ଗ୍ରାମ ନିକଟସ୍ଥ ଜଙ୍ଗଲରେ ରବିବାର ବିପୁଳ ପରିମାଣର ଗଞ୍ଜେଇ ଗଛ କାଟି ନଷ୍ଟ କରିଛି। ଜଙ୍ଗଲରେ ୨୨ ଏକର ଜମିରେ ବେଆଇନ ଭାବେ ଏହି ଗଞ୍ଜେଇ ଚାଷ କରାଯାଇଥିଲା। ମୋଟ ୨୮ ହଜାର ୬୦୦ ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ଗଞ୍ଜେଇ ଚାଷ ସମ୍ପର୍କରେ ସୂଚନା ପାଇ କାଲିମେଲା ପୋଲିସ ସହ ଡିଭିଏଫ ଯବାନ ମାନେ ଘାଟି ଉପରେ ଥିବା ଗୁରାଲୁର ଗ୍ରାମ ନିକଟସ୍ଥ ଜଙ୍ଗଲରେ ଚଢାଉ କରିଥିଲେ। କଟାଯାଇଥିବା ଏହି ଗଛଗୁଡିକୁ ନିଆଁ ଲଗାଇ ପୋଲିସ ପୋଡି ଦେଇଛି। ଏ ସମ୍ପର୍କରେ କାଲିମେଲା ଥାନାରେ ଏକ ମାମଲା ରୁଜୁହୋଇ ତଦନ୍ତ ଜାରି ରହିଛି।

## ଜଙ୍ଗଲ, ବନ୍ୟପ୍ରାଣୀ ସୁରକ୍ଷା ନେଇ ବୈଠକ



ବୈଠକରେ ଉପସ୍ଥିତ ସରପଞ୍ଚ, ଫରେଷ୍ଟ ଗାର୍ଡ ଓ ଅନ୍ୟମାନେ।

ମାଲକାନଗିରି,୨୫।୧୨(ଡି.ଏନ.ଏ.)

କାଲିମେଲା ବନାଞ୍ଚଳ ଅଧିକାରୀ ସୁଶାନ୍ତ ଦଳେଇଙ୍କ ତତ୍ତ୍ୱାବଧାନରେ ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କାଲିମେଲା,ଭେଙ୍କେଟପାଲମ, କୋଇମଟଲା, ଉଣ୍ଡୁରୁକୋଣ୍ଡା ସିମିଲିବାଞ୍ଚା, କଲାଦାପଲ ପଞ୍ଚାୟତର ସରପଞ୍ଚଙ୍କ ସମେତ ଅନ୍ୟ ବନ ଅଧିକାରୀମାନେ ଉପସ୍ଥିତ ଥିଲେ। ଜଙ୍ଗଲ ନିଆଁ ଦମନ, ବନସୁରକ୍ଷା, ବେଣ୍ଟ ଶିକାର ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଉପସ୍ଥିତ ସରପଞ୍ଚମାନେ ବନାଗ୍ନି ଠାରୁ ଜଙ୍ଗଲର ସୁରକ୍ଷା କିପରି କରାଯାଇପାରିବ ସେନେଇ ନିଜ ମତ ରଖିଥିଲେ। ଆଗାମୀ ଦିନରେ ଏ ସମ୍ପର୍କରେ ଲୋକଙ୍କୁ ସଚେତନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ବନସୁରକ୍ଷା ସମିତିଗୁଡିକର ସଭାପତି, ଆନିମେଟର, ସୃଷ୍ଟି ସ୍ୱେଚ୍ଛାସେବୀ ଅନୁଷ୍ଠାନର ଟିମ ଲିଡ଼ର ଶ୍ରୀନିବାସ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କଳିଙ୍ଗ ଉତ୍ସବରେ ଆଦିବାସୀ କଳାକାର ସମ୍ମାନିତ

ବୈପାରିଗୁଡା,୨୫।୧୨ (ଡି.ଏନ୍.ଏ.)

ଭୁବନେଶ୍ୱରଠାରେ ଇନ୍ଦିରା ଗାନ୍ଧି କଳାକେନ୍ଦ୍ର ଓ ସଂସ୍କୃତି ବିଭାଗର ଆନୁକୂଲ୍ୟରେ ଆୟୋଜିତ କଳିଙ୍ଗ ଉତ୍ସବରେ ଅଂଶଗ୍ରହଣ କରି ବୈପାରିଗୁଡା ଅଞ୍ଚଳର ଆଦିବାସୀ କଳାକାରମାନେ ସମ୍ମାନିତ ହୋଇଛନ୍ତି। ବ୍ଲକର ଗୁପ୍ତେଶ୍ୱର ପଞ୍ଚାୟତର ଦୁରୁଆ ତଥା ପରଜା ସମ୍ପ୍ରଦାୟର ଏହି କଳାକାରମାନେ ଆଦିବାସୀ ନୃତ୍ୟ ପରିବେଷଣ କରି ପ୍ରଶଂସିତ ହୋଇଥିଲେ। ସେମାନଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ପୂର୍ବରୁ ଆଦିରାଣୀ ସମ୍ମାନ ପାଇଥିବା ସେହି ପଞ୍ଚାୟତ ଶିରିବେଡା ଗ୍ରାମର ଦୁରୁଆ ଯୁବତୀଙ୍କୁ ମଧ୍ୟ ଅନୁଷ୍ଠାନ ପକ୍ଷରୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା।




ନୃତ୍ୟ ପରିବେଷଣ କରୁଥିବା ଆଦିବାସୀ କଳାକାରମାନେ।

# ଭେଣ୍ଡିଂ ଜୋନ୍ ପାଲଟିଲାଣି ଗାଡ଼ି ପାର୍କିଂ ସ୍ଥଳ

ସୁନାବେଡ଼ା/ସେମିଳିଗୁଡ଼ା, ୨୫।୧୨ (ସ୍ୱ.ପ୍ର.)



ଭେଣ୍ଡିଂ ଜୋନ୍ ପରିସରରେ ପାର୍କିଂ ହୋଇଥିବା ଗାଡ଼ି।

■ ଗାଡ଼ି ପାର୍କିଂ ଯୋଗୁ ସେଠାକୁ ଲୋକେ ଯାଉନାହାନ୍ତି
■ କେତେକ ଖୋଲା ପିଣ୍ଡିକୁ ଅକ୍ତିଆର କରିଛନ୍ତି ବ୍ୟବସାୟୀ
■ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ: କାର୍ଯ୍ୟନିର୍ବାହୀ ଅଧିକାରୀ

ଯେଉଁ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ସୁନାବେଡ଼ା ହାଲ୍ ମ୍ୟୁଜିୟମ ସମ୍ମୁଖ ଜାତୀୟ ରାଜପଥ ପାର୍ଶ୍ୱରେ ଭେଣ୍ଡିଂ ଜୋନ୍ ନିର୍ମାଣ ହୋଇଥିଲା ତାହା ବିଫଳ ହେଇଛି। ଏବେ ସେହି ସ୍ଥାନ ଅଘୋଷିତ ବସ୍‌ଷ୍ଟାଣ୍ଡ ପାଲଟିଛି। ଯିଏ ପାରୁଛି ସେ ଆଣି ଗାଡ଼ି ପାର୍କିଂ କରୁଛି। ୨୦୧୦ରେ ପୌର ପରିଷଦ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଏହି ଭେଣ୍ଡିଂ ଜୋନ୍‌ର ପୁନରୁଦ୍ଧାର ପାଇଁ ପୌର ପ୍ରଶାସନର ଚିନ୍ତା ନାହିଁ। ଏଠାରେ ଗୁଡାଏ ଦୋକାନ ଘର ସହ କିଛି ଖୋଲା ପିଣ୍ଡି ଚାଷୀଙ୍କ ଲାଗି ତିଆରି କରାଯାଇଥିଲା। ରହିଥିବା ଦୋକାନ ଘର ମଧ୍ୟରୁ ହାତ ଗଣତି କେତୋଟି ଦୋକାନ ଖୋଲା ରହୁଥିବା ବେଳେ ଅନେକ ଦୋକାନ ଘର ବନ୍ଦ ରହିଛି। ବିଭିନ୍ନ ପ୍ରକାର ବ୍ୟବସାୟ କରି ନିଜ ଗୁଜୁରାଣ ମେଣ୍ଟାଇବା ପାଇଁ କରାଯାଇଥିବା ଏହି ଦୋକାନ ଘର ଓ ପିଣ୍ଡି ଖାଲି ପଡିଛି। ଏବେ ଏହା ଟ୍ରକ୍ ଓ ପିକ୍‌ଅପ୍ ମାଲିକଙ୍କ କବ୍‌ଜାରେ ରହିଛି। ସେମାନେ ଆରାମରେ ଆଣି ରାସ୍ତା ବନ୍ଦ କରି ନିଜ ଗାଡି ପାର୍କିଂ କରୁଛନ୍ତି। ଭେଣ୍ଡିଂ ଜୋନ୍ ପାଖକୁ ଲାଗି ଗାଡି ପାର୍କିଂ ପାଇଁ କିଛି ସ୍ଥାନ ଥିବା ବେଳେ ଗାଡି ଡ୍ରାଇଭରମାନେ ସେଠାରେ ଗାଡିର ଭଙ୍ଗାରଜା ସମଗ୍ରୀ ଆଣି ରଖୁଛନ୍ତି। ଭେଣ୍ଡିଂ ଜୋନ୍ ରାସ୍ତା ବନ୍ଦ ହେତୁ ସେଠକୁ କରବର ଲାଗି ଲୋକ ଯାଉନାହାନ୍ତି। ଫଳରେ ଯେଉଁ କେତେ ଜଣ ଦୋକାନ ଖୋଲିଛନ୍ତି ସେମାନେ ହାତବାନ୍ଧି ବସିଛନ୍ତି। ଅନ୍ୟପକ୍ଷରେ ଏଠାରେ ଥିବା କେତେକ ଖୋଲା ପିଣ୍ଡିକୁ କେତେଜଣ ବ୍ୟବସାୟୀ ନିଜ କବ୍‌ଜାରେ ରଖିଥିବା ଦେଖିବାକୁ ମିଳୁଛି। ପୌର ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୋବିନ୍ଦ ଦନସେନାଙ୍କୁ ପଚାରିବାରୁ ସେ କହିଲେ, ଏ ଦିଗରେ ଆଗାମୀ ଦିନରେ ପୌର ପରିଷଦ ପକ୍ଷରୁ ନିଶ୍ଚିତ ରୂପେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସଂକ୍ଷେପରେ

### ୧୯୯୭ ମାଟ୍ରିକ ବ୍ୟାଚର ବନ୍ଧୁମିଳନ



ଉମରକୋଟ,୨୫ା୧୨(ସ୍ୱ.ପ୍ର.)- ସଦାଶିବ ସୁକୁମାର ଉଚ୍ଚ ବିଦ୍ୟାଳୟର ୧୯୯୭ ମାଟ୍ରିକ ବ୍ୟାଚର ବନ୍ଧୁମିଳନ ଉମରକୋଟ ନିକଟସ୍ଥ ଭାସ୍କଲ ଡ୍ୟାମଠାରେ ଅନୁଷ୍ଠିତ ହୋଇଯାଇଛି। ଏକତ୍ରିତ ବନ୍ଧୁମାନେ ସ୍କୁଲ ଦିନର ସ୍ମୃତି ମନେ ପକାଇଥିଲେ। ଦୀର୍ଘ ପଚିଶି ବର୍ଷ ପରେ ପୁଣି ସମସ୍ତେ ଏକାଠି ହୋଇଥିବାରୁ ସମସ୍ତଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଥିଲା। ଏହି ଅବସରରେ ପରଲୋକଗତ କିଛି ସାଙ୍ଗ ମାନଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ। ସମସ୍ତଙ୍କ ସୁଖ ଦୁଃଖରେ ସମସ୍ତେ ଛିଡା ହେବା ଏବଂ ଅସୁବିଧାରେ ସମୟରେ ପରସ୍ପରକୁ ସହଯୋଗ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ବନ୍ଧୁମିଳନରେ ୫୦ରୁ ଉର୍ଦ୍ଧ୍ୱ ଯୋଗ ଦେଇଥିଲେ। ଅଷ୍ଟ୍ରେଲିଆ, ଲଣ୍ଡନରେ ରହୁଥିବା କେତେ ଜଣ ସାଙ୍ଗ ମଧ ଯୋଗ ଦେଇଥିଲେ।

### ବଂଶଧାରା କପ୍ ଆଦର୍ଶ କ୍ଲବ ବାଲେଶ୍ୱର ବିଜୟୀ

ଗୁଣପୁର,୨୫ା୧୨(ଡି.ଏନ୍.ଏ.)-ବଂଶଧାରା ବସନ୍ତ ମହୋତ୍ସବ ଉପଲକ୍ଷେ ସ୍ଥାନୀୟ ମିନି ଷ୍ଟାଡିୟମରେ ମେଗା କ୍ରୀଡ଼ା ଉତ୍ସବ ପାଳନ କରାଯାଉଛି । ବଂଶଧାରା କପ୍ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିନରେ ରବିବାର ଆଦର୍ଶ କ୍ଲବ ବାଲେଶ୍ୱର ଓ ଆର୍‌ସିଏ ଭିଲାଇ ମଧରେ ମ୍ୟାଚ୍ ଖେଳା ଯାଇଥିଲା । ଏଥିରେ ବାଲେଶ୍ୱର ଆଦର୍ଶ କ୍ଲବ ୯୭ ରନ୍‌ରେ ବିଜୟୀ ହୋଇଛି। ଟସ୍ ଜିଣି ପ୍ରଥମେ ବାଲେଶ୍ୱର ଦଳ ବ୍ୟାଟିଂ କରି ୩୦ ଓଭରରେ ୮ ଉଇକେଟ ହରାଇ ୨୪୯ ରନ କରିଥିଲା। ଦଳ ପକ୍ଷରୁ ତପନ ରାଉତ ୪୨ ବଲରେ ୫୨, ରାଜୀବ ଲୋଚନ ସାହୁ ୪୨ ବଲରେ ୩୯, କେ. ଈଶ୍ୱର ପ୍ରସାଦ ୧୯ ବଲରେ ୪୧ ଓ ଅରୁଣ ରାଉତ ୨୭ ବଲରେ ୩୧ ରନ ସଂଗ୍ରହ କରି ଦଳକୁ ମଜଭୁତ ସ୍ଥିତିରେ ପହଞ୍ଚାଇଥିଲେ। ଜବାବରେ ଭିଲାଇ ଦଳ ପକ୍ଷରୁ ଦୁର୍ବଳ ବ୍ୟାଟିଂ କରି ୯ ଉଇକେଟ ହରାଇ ୧୫୨ ରନ କରିଥିଲେ। ଦଳ ପକ୍ଷରୁ ସୂର୍ଯ୍ୟ କୁମାର ୪୨ ବଲରେ ୩୯ ରନ୍, ଶିବ କୁମାର ପାଣ୍ଡେ ୪୧ ବଲରେ ୩୪ ଓ ଜୀବନ ୨୪ ବଲରେ ୨୨ ରନ କରିଥିଲେ। ମ୍ୟାଚ୍‌ରେ ଅମ୍ପାୟାର ଭାବେ ରାଜେଶ ବିଶ୍ୱାଳ ଓ ସାରଦା ପ୍ରସନ୍ନ ମହାପାତ୍ର ପରିଚାଳନା କରିଥିବାବେଳେ ସୁରେଶ କୁମାର ଦାସ ସ୍କୋରର ଦାୟିତ୍ୱ ତୁଲାଇଥିଲେ ।

### ଭାରସିଂରେ ହାତୀପଲ, ଚିନ୍ତାରେ ସହରବାସୀ



ଗୁଣପୁର,୨୫ା୧୨(ଡି.ଏନ.ଏ)-ଗୁଣପୁର ସହର ଠାରୁ ମାତ୍ର ଦୁଇ କିଲୋମିଟର ଦୂରରେ ଚଳପ୍ରଚଳ କରୁଛନ୍ତି ୬ ଟିକିଆ ହାତୀପଲ। ଏହି ଖବର ପ୍ରଚାର ହେବା ପରେ ସହରବାସୀ ଭୟଭୀତ ହୋଇ ପଡିଛନ୍ତି । ଅନ୍ୟପଟେ ଦିନତମାମ ରେଞ୍ଜର ଅଶୋକ କୁମାର ବେହେରା ଏବଂ ଡେପୁଟି ରେଞ୍ଜର ନୀଳ ମାଧବ ପାଢ଼ୀଙ୍କ ନେତୃତ୍ୱରେ ବନପାଳ ଶିବାନୀ ପାତ୍ର, ହାତୀ ସୁରକ୍ଷା ଟିମ୍ ଏବଂ ବନରକ୍ଷୀ ପାରା କର୍ମଚାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ ଏହି ହାତୀପଲର ଗତିବିଧି ଉପରେ ନଜର ରଖିଛନ୍ତି। ଏହି ହାତୀପଲ ସହର ନିକଟସ୍ଥ ଭାରସିଂଠାରେ ରହିଛନ୍ତି । ବର୍ତ୍ତମାନ ଚାଷ ଜମିଗୁଡ଼ିକରେ ଧାନ ଫସଲ ହୋଇଥିବା ବେଳେ ହାତୀପଲ କିଛି ସ୍ଥାନରେ ଫସଲ ନଷ୍ଟ କରିଥିବାରୁ ଚାଷୀ ଚିନ୍ତାରେ ପଡ଼ିଛନ୍ତି।

### ସଡ଼କ ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର

ଟିକିଟି,୨୫ା୧୨(ଡି.ଏନ.ଏ.): ବ୍ରହ୍ମପୁର ପୋଲିସ ଜିଲା କେ.ନୂଆଗାଁ ଥାନା ଅନ୍ତର୍ଗତ ଜକର ଗ୍ରାମ ନିକଟରେ ରବିବାର ସନ୍ଧ୍ୟାରେ ଦୁଇଟି ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ପାରାଦୀପ ଅଞ୍ଚଳର ଜିତୁ ନାମକ ଜଣେ ଯୁବକ କେ. ନୂଆଗାଁ ଅଞ୍ଚଳରେ ପାଇପ ମିସ୍ତ୍ରୀ ଭାବେ କାମ କରନ୍ତି। ସନ୍ଧ୍ୟାରେ ସେ ଏକ ବାଇକରେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ ସହିତ ଧକ୍କା ହୋଇଥିଲା। ଫଳରେ ସେ ଛିଟିକି ପଡି ରାସ୍ତାରେ ଯାଉଥିବା ଏକ ପିକ୍‌ଅପ ଭ୍ୟାନ୍ ଚକା ତଳେ ପଡ଼ିଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଥିଲେ।

# ୨ ମାମଲା ରୁଜୁ କରି ତଦନ୍ତ କରୁଛି ପୋଲିସ

**ଥାନାରେ ଅଭିଯୋଗ କଲେ ଡାକ୍ତର, ରୋଗୀଙ୍କ ସମ୍ପର୍କୀୟ**

କୋରାପୁଟ,୨୫ା୧୨ (ସ୍ୱ.ପ୍ର.)

କୋରାପୁଟ ଗୁଣ୍ଡିଚା ମନ୍ଦିର ଛକରେ ଶନିବାର ରାତିରେ ଏକ ରାସ୍ତା ଦୁର୍ଘଟଣାରେ ୨ ଜଣ ଆହତଙ୍କୁ ନେଇ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଉତ୍ତେଜନା ପ୍ରକାଶ ପାଇଥିଲା। ଡାକ୍ତରଙ୍କ ପକ୍ଷରୁ ଏନେଇ ଟାଉନ ଥାନାରେ ଅଭିଯୋଗ କରାଯାଇଥିବା ବେଳେ ରୋଗୀଙ୍କ ସମ୍ପର୍କୀୟମାନେ ମଧ ସେମାନଙ୍କ ଅଭିଯୋଗ କରିଥିଲେ। ଡାକ୍ତରମାନେ ରୋଗୀ ସମ୍ପର୍କୀୟ ଟେଁଳ ପାଙ୍ଗିଙ୍କୁ ମାଡ ମାରିଥିବା ସେମାନେ ଅଭିଯୋଗରେ ଉଲ୍ଲେଖ କରିଥିଲେ। ଏହି ୨ ଅଭିଯେଗକୁ ଭିତ୍ତି କରି ଥାନାରେ ରବିବାର ୨ଟି ମାମଲା ରୁଜୁ ହୋଇଛି ବୋଲି ଏସ୍‌ଡିପିଓ ମୋନଜ ପୂଜାରି କହିଛନ୍ତି। ଥାନାରୁ ମିଳିଥିବା ସୂଚନା ଅନୁଯାୟୀ ଶନିବାର ସ୍ଥାନୀୟ ଗୁଣ୍ଡିଚା ଛକରେ ଗୋଟିଏ ଟ୍ରକ ଭାରସାମ୍ୟ ହରାଇ ଏକ ଦୋକାନ ଭିତରକୁ ପଶିଯାଇଥିଲା । ସେହି ସମୟରେ ସେଠାରେ ଥିବା ଇସାକ ବେନିଆ ଓ ପଲ୍ଲବୀ ପ୍ରଧାନଙ୍କୁ ମଧ ଟ୍ରକ ଧକ୍କା ଦେଇଥିଲା । ଏହି ଦୁର୍ଘଟଣାରେ ଗୁରୁତର ଇସାକ ଓ ପଲ୍ଲବୀଙ୍କୁ ପ୍ରଥମେ କୋରାପୁଟ ମେଡିକାଲ କଲେଜ ଓ ପରେ ସେଠାରୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଉଥିବା ବେଳେ ଇସାକଙ୍କ ମୃତ୍ୟୁ ହୋଇଯାଇଥିଲା। ଲୋକମାନେ କ୍ଷତିପୂରଣ ଦାବିରେ ଟାଉନ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏନେଇ ପ୍ରତିଶ୍ରୁତି ମିଳିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା । ସୂଚନାଯୋଗ୍ୟ, ଟେଁଳ ଏବେ ଚିକିତ୍ସାଧୀନ ଅଛନ୍ତି।

# ସେମିଳିଗୁଡାରେ ବଡଦିନ ପାଳନ



ଚର୍ଚ୍ଚରେ ମହିଳାମାନେ ପ୍ରାର୍ଥନା କରୁଛନ୍ତି ।

ସେମିଳିଗୁଡା,୨୫ା୧୨(ସ୍ୱ.ପ୍ର.)

ସେମିଳିଗୁଡା ସହର ବିଭିନ୍ନ ଚର୍ଚ୍ଚଗୁଡିକରେ ରବିବାର ଶାନ୍ତିଶୃଙ୍ଖଳାର ସହ ପ୍ରଭୁ ଯୀଶୁଙ୍କ ବଡ଼ଦିନ ପାଳିତ ହୋଇଯାଇଛି। ଚର୍ଚ୍ଚଗୁଡିକୁ ଆଲୋକମାଳାରେ ସଜା ଯାଇଥିଲଶ। ସଣ୍ଡେ ସ୍କୁଲର ଛାତ୍ରୀଛାତ୍ରମାନେ ନାଚ ଗୀତ ପରିବେଷଣ କରିଥିଲେ। ମହିଳା ସମାଜ ଓ ଯୁବତୀମାନେ ଗୀତ, ଡ୍ରାମା ମାଧ୍ୟମରେ ଯୀଶୁଙ୍କ ଜନ୍ମ ବିଷୟରେ ଜଣାଇଥିଲେ। ନିୟୁଲାଇଫ ଚର୍ଚ୍ଚର ପ୍ରତିଷ୍ଠାତା ରେଭ ସୁନିଲ କ୍ଷତ୍ରିୟ ଯୀଶୁଙ୍କ ବିଷୟରେ ସୂଚନା ଦେଇ ଯୀଶୁଖ୍ରୀଷ୍ଟ ଏହି ଜଗତରେ କୌଣସି ଧର୍ମ ସ୍ଥାପନ ପାଇଁ କିମ୍ବା ରାଜ୍ୟ ଅଧିକାର କରିବାକୁ ଆସି ନ ଥିଲେ। ସେ ମାନବର କଲ୍ୟାଣ ପାଇଁ ପ୍ରେମ ଓ ଶାନ୍ତିର ବାର୍ତ୍ତା ପ୍ରଚାର କରିଥିଲେ। ସେହିପରି ମାନ୍ନା ଚର୍ଚ୍ଚ, ବେର୍ଷେବା ଚର୍ଚ୍ଚ, ଲାଇଟ ହାଉସ ଚର୍ଚ୍ଚ, ଗ୍ରେସ ଅଫ ଗଡ଼ ଚର୍ଚ୍ଚରେ ଚର୍ଚ୍ଚ ପାଳକମାନେ ବଡଦିନ ପାଳନ କରିଥିଲେ। ବିଶ୍ୱ ଶାନ୍ତି ନିମନ୍ତେ ଯୀଶୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

# ଏସିଆନ୍ କରାଟେ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ

ନବରଙ୍ଗପୁର,୨୫ା୧୨(ବି.ପ୍ର.)




ପଦକ ଜିତିଥିବା ପ୍ରତିଯୋଗୀମାନେ।

ସ୍ଥାନୀୟ ତୃପ୍ତି ଲଜ୍ ସମ୍ମିଳନୀ କକ୍ଷରେ ନବରଙ୍ଗପୁର ଏସିଆନ୍ କରାଟେ ବିଦ୍ୟାଳୟର ଅଧକ୍ଷ ସଂସାଇ ଶରତ କୁମାର ରାଉତଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। କେରଳର କନୁର ଠାରେ ଆୟୋଜିତ ସର୍ବଭାରତୀୟ କରାଟେ କୁଡୁ଼ ଚମ୍ପିୟାନଶିପ୍‌ରେ ସର୍ବମୋଟ ୧୯ ମେଡାଲ ଆଣି ରାଜ୍ୟ ତଥା ଜିଲା ପାଇଁ ଗୌରବ ଆଣିଥିବା ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାମାଜିକକର୍ମୀ ଜଗନ୍ନାଥ ମହାପାତ୍ର ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ମୁଖ୍ୟବକ୍ତା ଭାବେ ଏଏସ୍‌ପି ଚନ୍ଦ୍ରଶେଖର ହୋତା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଜିଲା ଆଇନଜୀବୀ ସଂଘର ସଭାପତି ନରସିଂହ ତ୍ରିପାଠୀ, ସମ୍ପାଦକ ରାମ ପ୍ରସାଦ ପାତ୍ର, ଜିଲା କ୍ରୀଡ଼ା ସଂଘର ଉପ ସଭାପତି ଏମ୍. ବାଲାକ୍ରିଷ୍ଣା ରାଓ, ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ଅଧାପକ ଅଖିଳ ଭଞ୍ଜ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସୂଚନାଯୋଗ୍ୟ ଡିସେମ୍ବର ୧୭ ଏବଂ ୧୮ ତାରିଖରେ କେରଳର କନୁର ଠାରେ ଆୟୋଜିତ କରାଟେ ଟାଇମ୍‌ସ କପ୍ ପ୍ରତିଯୋଗିତାରେ ସନ୍ଦୀପ କୁମାର ରାଉତ ଗୋଟିଏ ସ୍ୱର୍ଣ୍ଣ, ଦୁଇଟି ରୌପ୍ୟ ଏବଂ ଗୋଟିଏ ବ୍ରୋଞ୍ଜ, ସଙ୍ଗୀତା ରାଉତ ୪ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ, ସୁଲୋଚନା ତ୍ରିପାଠୀ ଦୁଇଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ, ସୁନାଖେ ପ୍ରିୟଦର୍ଶନୀ ଗୋଟିଏ ସ୍ୱର୍ଣ୍ଣ, ଦୁଇଟି ବ୍ରୋଞ୍ଜ ସେହିପରି ଆକାଂକ୍ଷା ପ୍ରିୟଦର୍ଶନୀ ତିନୋଟି ସର୍ଣ୍ଣ , ଗୋଟିଏ ବ୍ରୋଞ୍ଜ ଏହିପରି ୧୧ଟି ସର୍ଣ୍ଣ, ୩ଟି ରୌପ୍ୟ ଏବଂ ୫ ବ୍ରୋଞ୍ଜ ସହ ମୋଟ ୧୯ ପଦକ ହାସଲ କରିଛନ୍ତି।

## ମହିଳାଙ୍କୁ ନିର୍ଯାତନା, ବଳାତ୍କାର ଅଭିଯୋଗ

ବ୍ରହ୍ମପୁର ଅଫିସ,୨୫ା୧୨

ଜଣେ ମହିଳାଙ୍କୁ ତାଙ୍କ ଶ୍ୱଶୁରଘର ଲୋକ ନିର୍ଯାତନା ଦେବା ସହ ତାଙ୍କୁ ବଳାତ୍କାର କରିଥିବା ନେଇ ସଙ୍ଗିନ ଅଭିଯୋଗ ହୋଇଛି। ବ୍ରହ୍ମପୁର ସଦର ଥାନାରେ ଏନେଇ ଅଭିଯୋଗ ହେବା ପରେ ପୋଲିସ ନଂ.୬୪୦/୨୨ରେ ଏକ ମାମଲା ରୁଜୁ କରିଛି। ପୀଡ଼ିତା ମହିଳାଙ୍କର ଧାରା ୧୬୪ରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ (ଜେଏମ୍‌ଏଫସି) ଗ୍ରାମାଞ୍ଚଳ ଜୁଏଲ ପଟ୍ଟନାୟକଙ୍କ କୋର୍ଟରେ ବୟାନ ରେକର୍ଡ କରାଯାଇଛି। ପୋଲିସ ଏବେ ଘଟଣାର ତଦନ୍ତ କରୁଥିବା କହିଛି। ପ୍ରକାଶ ଯେ, ଯଦୁକୃଷ୍ଣ ପାତ୍ର ନାମକ ଜଣେ ଯୁବକ ୪ ବର୍ଷେ ପୂର୍ବେ ଜଣେ ଯୁବତୀଙ୍କୁ ବିବାହ କରିଥିଲେ। ଯୌତୁକ ବାବଦକୁ ସୁନା ଗହଣା ସହ ୨ଲକ୍ଷ ଟଙ୍କା ଓ ଘରକରଣା ସାମଗ୍ରୀ ଦିଆଯାଇଥିଲା। ବିବାହର ବର୍ଷକ ପରେ ଶ୍ୱଶୁର ଘର ଲୋକ ଅଧିକ ୩ ଲକ୍ଷ ଟଙ୍କା ଯୌତୁକ ଦାବି କରିଥିଲେ। ଯୌତୁକ ଟଙ୍କା ନ ଆଣିବାରୁ ମହିଳାଙ୍କୁ ନିର୍ଯାତନା ଦିଆଯାଇଥିଲା। ଏପରିକି ତାଙ୍କ ଶ୍ୱଶୁର ଓ ଦେଢଶୁର ତାଙ୍କୁ ବଳତ୍କାର କରିଥିଲେ। ଏନେଇ କାହାକୁ ଜଣାଇଲେ ତୁମର ଅଶ୍ଳୀଳ ଫଟୋ ଭାଇରାଲ କରିବୁ ବୋଲି ଧମକ ଦେଇଥିଲେ। ସେ ଏହାର ପ୍ରତିବାଦ କରିବାରୁ ତାଙ୍କୁ ବଳପୂର୍ବକ ଶ୍ୱଶୁର ଘର ଲୋକ ଘରୁ ତଡ଼ି ଦେଇଥିଲେ। ଶେଷରେ ମହିଳା ଜଣଙ୍କ ଏନେଇ ସଦର ଥାନାରେ ଅଭିଯୋଗ କରିଥିଲେ।

## କାର-ଅଟୋ ମୁହାଁମୁହିଁ ଧକ୍କା, ୫ ଗୁରୁତର



ଧକ୍କା ହୋଇଥିବା କାର ଓ ଅଟୋ ।

କୋରାପୁଟ,୨୫ା୧୨ (ସ୍ୱ.ପ୍ର.)

କୋରାପୁଟ ଜିଲାର ନନ୍ଦପୁର ଆଦର୍ଶ ବିଦ୍ୟାଳୟ ନିକଟରେ ରବିବାର ଅପରାହ୍ନ ୪ଟାରେ କାର ଓ ଅଟୋ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଛି। ନନ୍ଦପୁର ଆଡୁ କିଛି ଯାତ୍ରୀଙ୍କୁ ନେଇ ଏକ ଅଟୋ (ଏପି ୩୫ କେ-୧୬୩୨) ଆସୁଥିବା ବେଳେ ସେମିଳିଗୁଡା ଆଡୁ ନନ୍ଦପୁରକୁ ଦ୍ରୁତ ଗତିରେ ଯାଉଥିବା ଏକ କାର ଭାରସାମ୍ୟ ହରାଇ ଅଟୋ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ଘଟାଇ କାରଟି ରାସ୍ତା ପାର୍ଶ୍ୱରେ ଥିବା ଏକ ମାଟିଗଦାଠାରେ ଅଟକି ଯାଇଥିଲା। ଯାତ୍ରୀବାହୀ ଅଟୋଟି ରାସ୍ତା ଉପରେ ଓଲଟି ପଡି ଭାଙ୍ଗିରୁଜି ଯାଇଛି। ଅଟୋରେ ଥିବା ୪ ଜଣ ଯାତ୍ରୀ ଓ କାର ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ଖବରପାଇ ନନ୍ଦପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରଛି।

# ଜେକେ କାଗଜ କଳ ପକ୍ଷରୁ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ରାୟଗଡ଼ା,୨୫ା୧୨(ସ୍ୱ.ପ୍ର.)




ଜେକେ କାଗଜ କଳ ପକ୍ଷରୁ ଚଳିତ ବର୍ଷର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ସ୍ଥାନୀୟ ଦଶହରା ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କାଗଜ କଳ ଉପସଭାପତି ବିଶ୍ୱଜିତ ଦ୍ୱିବେଦୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ସୁନ୍ଦୀପ ପାଣ୍ଡେ ଏବଂ ସଭାପତି ମନୋରଞ୍ଜନ କେନ୍ଦ୍ର ଯୋଗ ଦେଇଥିଲେ । ଏଥିରେ ଉଭୟ ମହିଳା ଏବଂ ପୁରୁଷଙ୍କୁ ନେଇ ୨୨ଟି ବର୍ଗରେ ପ୍ରତିଯୋଗିତା ଯଥା ସ୍ଲୋ ସାଇକେଲ ରେସ୍, ୧୦୦ ମିଟର ରେସ୍, ଶଟ୍‌ପୁଟ ଥ୍ରୋ , ଡିସ୍କସ ଥ୍ରୋ, ନିଡିଲ ଥ୍ରେଡ ରେସ୍, ମ୍ୟୁଜିକ୍ ଚେୟାର, ଲେମନ ସ୍ପୁନ ରେସ୍ ଆଦି କ୍ରୀଡା ହୋଇଥିଲା। ପ୍ରତିଯୋଗିତାରେ ଜେକେ କାଗଜ କଳର କର୍ମଚାରୀ ଏବଂ ସେମାନଙ୍କ ପରିବାରବର୍ଗ ସହ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ମିଶାଇ ୫୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ ।

କାଗଜ କଳର ମଙ୍ଗଳ ବିଭାଗ ମୁଖ୍ୟ ପ୍ରବନ୍ଧକ ରଞ୍ଜିତ ଦାସ, ସମ୍ପାଦକ ଲକ୍ଷ୍ମୀ ନାରାୟଣ ଡାଳପତ୍ରାୟ, ମନୋରଞ୍ଜନ କେନ୍ଦ୍ର ଓ ମଙ୍ଗଳ ଅଧିକାରୀ ଭାସ୍କର ନାଇଡୁ ସଂଯୋଜନା କରିଥିଲେ। ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ପ୍ରଶାସନିକ ପ୍ରବନ୍ଧକ ଶୈଳେନ୍ଦ୍ର କୁମାର ସାମନ୍ତରାୟ, ଦୀପକ ସାମଲ, ଶିବ ପ୍ରସାଦ ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ଗାଁରେ ପହଞ୍ଚିଲା ଦାଦନ ଶ୍ରମିକଙ୍କ ମୃତଦେହ

ଭଞ୍ଜନଗର,୨୫ା୧୨(ଡି ଏନ ଏ)

ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ ବାରଟା ଗ୍ରାମର ରଞ୍ଜିତ ବେହେରା ଦାଦନ ଶ୍ରମିକ ଭାବେ କାମ କରିବାକୁ ହାଇଦ୍ରାବାଦ ଯାଇଥିଲେ। ଶନିବାର ସେ ଗ୍ରାମକୁ ଫେରୁଥିବାବେଳେ ହାଇଦ୍ରାବାଦ ପ୍ଲାଟଫର୍ମରେ ହଠାତ ଅସୁସ୍ଥ ହୋଇପଡ଼ିବାରୁ ମୃତ୍ୟୁ ଘଟିଥିଲା। ରବିବାର ଅପରାହ୍ନରେ ରଞ୍ଜିତଙ୍କ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ରଞ୍ଜିତଙ୍କ ସ୍ତ୍ରୀ ଅଚେତ ହୋଇପଡିବାରୁ ତାଙ୍କୁ ପାଇଲିପଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ନ ଥିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ତାଙ୍କୁ ଗୋବରା ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ସମସ୍ୟା ନେଇ ଉତ୍ୟକ୍ତ ଲୋକେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଫୋନରେ ଜଣାଇଥିଲେ। ଆଗାମୀ ଦିନରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ମିଳିଛି। ଅପରପକ୍ଷେ ରଞ୍ଜିତ ଗରିବ ପରିବାରର ହୋଇଥିବା ବେଳେ ତାଙ୍କ ମୃତଦେହ ଧରି ଆସିଥିବା ଆମ୍ବୁଲାନ୍ସ ଭଡା ଦେବା ପାଇଁ ପରିବାର ଲୋକଙ୍କ ପାଖରେ ଟଙ୍କା ନ ଥିଲା। ପରେ ବନ୍ଧୁ ସମ୍ପର୍କୀୟଙ୍କ ସହଯୋଗରେ ଭଡା ଟଙ୍କା ଦିଆଯାଇଥିଲା।

## ଉମରକୋଟରେ ସୁଶାସନ ଦିବସ ପାଳିତ



ଉମରକୋଟ,୨୫ା୧୨(ସ୍ୱ.ପ୍ର.)

ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ତଥା ସୁଶାସନ ଦିବସ ରବିବାର ପାଳନ ହୋଇଛି। ଉମରକୋଟ ଠାରେ ଭାଜପା ପକ୍ଷରୁ ମଧ ଏହି ଦିବସ ପାଳନ କରାଯାଇଛି। ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଏବଂ ମୁଖ୍ୟବକ୍ତା ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମ ମଧ ହୋଇଥିଲା। କଜମ ମଦାନୀ, ଅଶୋକ ପାଢ଼ୀ, ମନ୍ଦିରା ନାୟକ, ପ୍ରଭାତ ନାୟକ, ବିଦ୍ୟୁତ୍ ପାତ୍ର ପ୍ରମୁଖ ଉପସ୍ଥିତ ରହି ପୂର୍ବତନ ପ୍ରଧାନମନ୍ତ୍ରୀଙ୍କୁ ମନେ ପକାଇଥିଲେ। ଶତାଧିକ କାର୍ଯ୍ୟକର୍ତ୍ତା ଏଥିରେ ଯୋଗ ଦେଇଥିଲେ।

# ଖୋଲୁନି ମଣ୍ଡି, ଖୋଲାରେ ପଡ଼ିଛି ଧାନ

ପାରଳାଖେମୁଣ୍ଡି,୨୫ା୧୨(ଡି.ଏନ୍.ଏ.)



ଗଜପତି ଜିଲାରେ ବର୍ତ୍ତମାନ ସୁଦ୍ଧା ଧାନ ମଣ୍ଡି ଖୋଲିପାରି ନାହିଁ। ତେବେ କେଉଁ କାରଣରୁ ଧାନମଣ୍ଡି ଖୋଲାଯାଇ ପାରିନି ସେ ନେଇ କେହି ମୁହଁ ଖୋଲୁନାହାନ୍ତି। ଚାଷୀ ଅମଳ କରିଥିବା ଧାନ ଖଳା ଏବଂ ରାସ୍ତାକଡ଼ରେ ପଡ଼ିରହିଛି। ଅପରପକ୍ଷରେ ମେଘାଚ୍ଛନ୍ନ ଆକାଶକୁ ଦେଖି ଚାଷୀକୂଳରେ ଛନକା ପଶିଛି। ଡିସେମ୍ବର ଶେଷ ହେବାକୁ ବସିଥିଲେ ମଧ ଜିଲାରେ ଧାନମଣ୍ଡି ଖୋଲିବା ପାଇଁ କୌଣସି ତତ୍ପରତା ଦେଖାଉନାହାନ୍ତି ବିଭାଗୀୟ ଅଧିକାରୀ। ଚଳିତବର୍ଷ ପ୍ରଥମ ପର୍ଯ୍ୟାୟରେ ୬୫ ହଜାର ମେଟ୍ରିକ ଟନ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା ବେଳେ ବିଭାଗ ଏହା ପୂରଣ କରିପାରିବ କି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଧାନ ମଣ୍ଡି ଖୋଲାଯାଇ ନ ଥିବାରୁ ଚାଷୀକୂଳ ଚିନ୍ତାରେ ଥିବା ବେଳେ ଆନ୍ଧ୍ରର ଧାନ ବ୍ୟବସାୟୀ ସକ୍ରିୟ ହୋଇଛନ୍ତି। ଆନ୍ଧ୍ରରୁ ବ୍ୟବସାୟୀମାନେ ଆସି ଚାଷୀମାନଙ୍କଠାରୁ ବହୁ କମ୍ ମୂଲ୍ୟରେ ଧାନ କିଣିବା ଆରମ୍ଭ କରିଛନ୍ତି। ପ୍ରଶାସନ ପକ୍ଷରୁ ଧାନ ମଣ୍ଡି ଖୋଲା ଯାଇ ନ ଥିବାରୁ ବାଧହୋଇ ଚାଷୀ କମ୍ ମୂଲ୍ୟରେ ବ୍ୟବସାୟୀଙ୍କୁ ଧାନ ବିକ୍ରି କରିବାକୁ ବାଧ ହେଉଛି।

## ଓସ୍ତ ଗଛରେ ଲାଗିଲା ନିଆଁ, ଗ୍ରାମବାସୀ ଭୟଭୀତ

ମାଲକାନଗିରି,୨୫ା୧୨ (ଡି.ଏନ୍.ଏ.)

ମାଲାକନଗିରି ଜିଲ୍ଲା ପଡିଆ ବ୍ଲକ ଅନ୍ତର୍ଗତ କାଲଦାପାଲ୍ଲି ଗ୍ରାମରେ ରବିବାର ସକାଳେ ଏକ ଓସ୍ତ ଗଛରେ ହଠାତ୍ ନିଅଁ ଲାଗିଯାଇଥିଲା। ଫଳରେ ଗ୍ରାମବାସୀ ଭୟଭୀତ ହୋଇପଡିଥିଲେ। ଗ୍ରାମ ମଝିରେ ଥିବା ୪୦/୫୦ ଫୁଟ ଉଚ୍ଚତାର ଏହି ଗଛର ମଝି ଶୁଖିଲା ଥିବାରୁ କୌଣସି ପ୍ରକାରେ ନିଆଁ ଲାଗିଯାଇଥିବା ଜଣାପଡିଛି। ତେବେ ଅଗ୍ନିଶିଖା ଗଛ ଉପରକୁ ଉଠିଚାଲିବାରୁ ଗ୍ରାମରେ ଗ୍ରାମବାସୀଙ୍କ କିଛି କ୍ଷତି ହୋଇ ନ ଥିଲା। ଏନେଇ ଗ୍ରାମବାସୀ ପଡିଆ ଅଗ୍ନିଶମ ବିଭାଗକୁ ଖବର ଦେବାରୁ ଅଗ୍ନିଶମ ଅଧିକାରୀ ବୀରେନ୍ଦ୍ର ସିଂଙ୍କ ତତ୍ତ୍ୱାବଧାନରେ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ। ତେବେ ଶୀତ ଦାଉରୁରକ୍ଷା ପାଇବା ଲାଗି କେହି ଗଛ ତଳେ ନିଆଁ ଲଗାଇ ପୁଆଁଇ ପରେ ଏହାକୁ ଲିଭାଇବାକୁ ଭୁଲି ଯିବାରୁ ପରେ ଏପରି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।

## ବଡ଼ ଦିନ





ନବରଙ୍ଗପୁର ଜିଲା ଡାବୁଗାଁ ଓ ରାଇଘର ଠାରେ ଚର୍ଚ୍ଚରେ ଖ୍ରୀଷ୍ଟମାସ ଉତ୍ସବ ପାଳନ କରାଯାଉଛି ।

